୬ ମାତ୍ର ୮୯ ଇନିଂସରେ ୧୦୦ ଛକା ମାରି ଇତିହାସ ରଚିଲେ ଋଷଭ ପନ୍ତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୧୯୯ ● ୧୯ ଅଗଷ୍ଟ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-199 ● 19th August 2026, Wednesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## ବନ୍ୟା ମୁକାବିଲା ପାଇଁ ସରକାରଙ୍କ ୧୦ ସୂତ୍ରୀ ସ୍ୱତନ୍ତ୍ର ପ୍ୟାକେଜ୍

# ବିପନ୍ନଙ୍କ ପାଇଁ ୧୦୦୦ କୋଟିର ସହାୟତା

**ଭୁବନେଶ୍ୱର, ୧୮ ।୮**

**ନ୍ୟୁଜ୍ ବ୍ୟୁରୋ**

ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଓ ଭଦ୍ରକଜିଲ୍ଲା ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି କ୍ଷୟକ୍ଷତିର ଅନୁଧ୍ୟାନ କରିବା ପରେ ମଙ୍ଗଳବାର ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ୧୦ସୂତ୍ରୀ ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି । ଏହି ପ୍ୟାକେଜ୍ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଘୋଷଣା କରାଯାଇଛି । ଚୂଡ଼ାନ୍ତ ଆକଳନ ପରେ ଏହି ସହାୟତା ପରିମାଣ ବୃଦ୍ଧି ହେବ ବୋଲି ସ୍ପଷ୍ଟ କରାଯାଇଛି ।



ମଙ୍ଗଳବାର ପୂର୍ବାହ୍ଣରେ ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟା ପରିସ୍ଥିତି ଓ ରିଲିଫ୍ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ । ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପ୍ୟାକେଜ୍ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ କହିଛନ୍ତି, ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଆମ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଅଛନ୍ତି । ଅର୍ଥ ଏ ଦିଗରେ ପ୍ରତିବନ୍ଧକ ହେବ ନାହିଁ, ଯାହା ଆବଶ୍ୟକ ଯୋଗାଇ ଦିଆଯିବ ।

ବନ୍ୟାର କାରଣ ସମ୍ପର୍କରେ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ ବର୍ଷା ପରିସ୍ଥିତି ଅତ୍ୟନ୍ତ ଅସ୍ୱାଭାବିକ ରହିଛି । ଜୁନ୍, ଜୁଲାଇ, ଅଗଷ୍ଟ- ଗତ ତିନି ମାସ ମଧ୍ୟରେ ୧୧୦୦ ମିଲିମିଟର'ରୁ ଅଧିକ ବର୍ଷା ହୋଇଛି । ଏହି ପରିମାଣ ସ୍ୱାଭାବିକ ବର୍ଷା ପରିମାଣରୁ ୩୪ ପ୍ରତିଶତ ଅଧିକ । ଗତ ୨୫ ବର୍ଷ ମଧ୍ୟରେ ଏଭଳି ସ୍ଥିତି କେବେ ବି ହୋଇ ନଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭଦ୍ରକ ଓ ଯାଜପୁର ସହିତ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ବନ୍ୟାସ୍ଥିତି ଉପୁଜିଛି । ଏହି ୬ ଟି ଜିଲ୍ଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଜିଲ୍ଲା ଗୁଡ଼ିକର ୭୪ଟି ବ୍ଲକର ୧୩୮୧ଟି ଗାଁ'ର ୯.୪୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩.୭୦ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି । ୫୫୦ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ୬ ଟି ଜିଲ୍ଲାରେ ସମୁଦାୟ ୪୫ଟି ଓଡ୍ରାଫ୍, ୮ଟି ଏନଡିଆରଏଫ୍ ଏବଂ ୬୫ଟି ଅଗ୍ନିଶମ ସେବା ଦଳ ନିୟୋଜିତ ହୋଇଛନ୍ତି ।

ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ କୃଷି ଇନପୁଟ୍ ସବସିଡି ବାବଦକୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବ । ଏଥିରେ ୩୩ ପ୍ରତିଶତ ଓ ତାହାଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର (ପୃଷ୍ଠା ୭ରେ)

## ଭାରତୀୟ ନିର୍ବାଚନ ବ୍ୟବସ୍ଥାକୁ ଟ୍ରମ୍ପଙ୍କ ପ୍ରଶଂସା

# ଆମେରିକା ବଞ୍ଚାଅ ଆଇନ୍ ପାରିତ କରିବା ଉପରେ ଦେଲେ ଗୁରୁତ୍ୱ

**ୱାଶିଂଟନ, ୧୮ ।୮**

ଆମେରିକାରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତର ନିର୍ବାଚନପ୍ରଣାଳୀ ଏବଂ ଭୋଟର ପରିଚୟ ପ୍ରଣାଳୀକୁ ପ୍ରଶଂସା କରି ସେଫଗାର୍ଡ ଆମେରିକାନ ଭୋଟର ଏଲଜିବିଲିଟି(ସେଭ୍) ଆମେରିକା ଆକ୍ଟ ପାସ୍ କରିବା ପାଇଁ ତାଙ୍କର ଆହ୍ୱାନକୁ ଦୋହରାଇଛନ୍ତି । ଟ୍ରମ୍ପ ଚଳିତ ମାସର ଆରମ୍ଭରେ ଆମେରିକାରେ ଭୋଟର ପରିଚୟ ଆବଶ୍ୟକତା ସମ୍ପର୍କରେ ଏକ ସୋସିଆଲ ମିଡିଆ ପୋଷ୍ଟରେ ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଛନ୍ତି । ଟ୍ରମ୍ପ ଆମେରିକାରେ କଠୋର ନିର୍ବାଚନ ନିୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି ଯେ, ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଟ୍ରମ୍ପଙ୍କ ପ୍ରଶାସନକୁ ପଚାରିଥିଲେ ଯେ, ବୈଧ ଫଟୋ ପରିଚୟ ପତ୍ର ବିନା ଆମେରିକାରେ ନିର୍ବାଚନ କିପରି କରାଯାଏ । ଭାରତର ଗତ ସାଧାରଣ ନିର୍ବାଚନ ବିଷୟରେ ଉଲ୍ଲେଖ କରି ଟ୍ରମ୍ପ କହିଛନ୍ତି ଯେ ଭାରତରେ ୬୪ କୋଟି ୬୦ ଲକ୍ଷ ଭୋଟର ଥିଲେ । ସେମାନଙ୍କ ମଧ୍ୟରୁ ୧ ପ୍ରତିଶତରୁ କମ୍ ଭୋଟର ଡାକ ମାଧ୍ୟମରେ ଭୋଟ ଦେଇଥିଲେ ଏବଂ ପ୍ରତ୍ୟେକ ଭୋଟରଙ୍କ ପାଇଁ ଏକ ବୈଧ ଫଟୋ ପରିଚୟ ପତ୍ର ରହିଥିଲା ।

ଟ୍ରମ୍ପ 'ସେଭ୍ ଆମେରିକା ଆକ୍ଟ' ସଂସଦରେ ପାସ୍ କରିବା ପାଇଁ ତାଙ୍କର ଆହ୍ୱାନକୁ ଦୋହରାଇ କହିଛନ୍ତି, ଏହା ବର୍ତ୍ତମାନ ଜରୁରୀ । ହ୍ୱାଇଟ୍ ହାଉସ୍ ସୂଚନା ଅନୁଯାୟୀ, ଏହି ଆଇନର ଲକ୍ଷ୍ୟ ହେଉଛି, କେବଳ ଆମେରିକୀୟ ନାଗରିକମାନେ ସଂଘୀୟ ନିର୍ବାଚନ ନିଷ୍ପତ୍ତିରେ ଅଂଶଗ୍ରହଣ କରିପାରିବେ । ଡୋନାଲ୍ଡ ଟ୍ରମ୍ପ ଏହି ଆଇନ ପ୍ରଣୟନ ପାଇଁ ଚାପ ପକାଇ ଆସୁଛନ୍ତି ।



ହ୍ୱାଇଟ୍ ହାଉସ୍ କହିଛି, କେବଳ ଆମେରିକୀୟ ନାଗରିକମାନେ ଆମେରିକୀୟ ନିର୍ବାଚନରେ ନିଷ୍ପତ୍ତି ନେବା ଉଚିତ୍ । ଏହାକୁ ସୁନିଶ୍ଚିତ କରିବା ପାଇଁ ସେଭ୍ ଆମେରିକା ଆଇନ ସ୍ୱାଗତ ଯୋଗ୍ୟ ବିଲ୍ । ପ୍ରସ୍ତାବିତ ଆଇନ ଅନୁଯାୟୀ ଭୋଟରମାନଙ୍କୁ ସଂଘୀୟ ନିର୍ବାଚନରେ ଭୋଟ ଦେବା ପାଇଁ ପଞ୍ଜୀକରଣ କରିବା ପୂର୍ବରୁ ବୈଧ ପରିଚୟ ଏବଂ ନାଗରିକତାର ପ୍ରମାଣ ପ୍ରଦାନ କରିବାକୁ ପଡିବ । ଏହି ପ୍ରସ୍ତାବିତ ଆଇନ କେବଳ ଅସୁସ୍ଥତା, ଅକ୍ଷମତା, ସାମରିକ ସେବା କିମ୍ବା ଯାତ୍ରା ଭଳି କାରଣ ପାଇଁ ମେଲ୍-ଇନ୍ ବାଲଟ୍ ବ୍ୟବହାରକୁ ସୀମିତ କରିବ । ହ୍ୱାଇଟ୍ ହାଉସ୍ କହିଛି ଯେ ଏହି ଆଇନ ରାଜ୍ୟଗୁଡ଼ିକୁ ଭୋଟର ତାଲିକାରୁ ଅଣନାଗରିକଙ୍କ ନାମ ବାଦ୍ ଦେବାକୁ ନିର୍ଦ୍ଦେଶ ଦେବ ।

ହ୍ୱାଇଟ୍ ହାଉସ୍ ସୂଚନା ଅନୁଯାୟୀ, ଯଦି ଜଣେ ଆମେରିକାରେ ଭୋଟ୍ ଦେବା ପାଇଁ ପଞ୍ଜୀକରଣ କରିବାକୁ ଚାହାଁନ୍ତି, ତେବେ ତାଙ୍କୁ ଆମେରିକାର ନାଗରିକ ହେବାକୁ ପଡିବ । ଟ୍ରମ୍ପ ପ୍ରଶାସନ ଆମେରିକୀୟ ନିର୍ବାଚନ ପ୍ରକ୍ରିୟାକୁ ଅନ୍ୟ ଦେଶର ନିର୍ବାଚନ ପ୍ରକ୍ରିୟା ସହିତ ତୁଳନା କରିଛି । ପ୍ରଶାସନ ଯୁକ୍ତି ଦର୍ଶାଇଛି ଯେ, ମୌଳିକ ନିର୍ବାଚନ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ଆମେରିକା ଅନ୍ୟ ଦେଶଠାରୁ ପଛରେ ଅଛି ।

ହ୍ୱାଇଟ୍ ହାଉସ୍ କହିଛି ଯେ ଭାରତ ଏବଂ ବ୍ରାଜିଲ୍ ଭୋଟର ପରିଚୟପତ୍ରକୁ ବାୟୋମେଟ୍ରିକ୍ ଡାଟାବେସ୍ ସହିତ ଲିଙ୍କ୍ କରିଛନ୍ତି । ଯେତେବେଳେ ଆମେରିକା ନାଗରିକତା ପାଇଁ ସ୍ୱୟଂ-ପ୍ରମାଣୀକରଣ ଉପରେ ମୁଖ୍ୟତଃ ନିର୍ଭର କରେ । ତେଣୁ ଆମେରିକା ଏହି କ୍ଷେତ୍ରରେ ସଂସ୍କାର ଆଣିବା ଏବଂ ନିଜର ନିର୍ବାଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଅତ୍ୟନ୍ତ ଜରୁରୀ । ଏହି ଆଇନକୁ ପାସ୍ କରିବା ପାଇଁ ଏକ ବିଲ୍ ଜାନୁଆରୀ ୨୯ ତାରିଖରେ ଆଗତ କରାଯାଇଥିଲା ।

## ଆଜିର ମୁଖ୍ୟ ଖବର

- ୨୪ରେ ଜନ ଅଭିଯୋଗ ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ ।
- ଝାରପଡ଼ା ଜେଲ୍‌ରୁ ମୁକୁଳିଲେ ମାଓନେତା ଆଜାଦ୍ ।
- ବିହାରରେ ୧୮ ଆଇପିଏସ୍ ଅଧିକାରୀଙ୍କ ବଦଳି ।
- ମଣିପୁରରେ ୪୬ ଜଣ ଆତଙ୍କବାଦୀ କଲେ ଆତ୍ମସମର୍ପଣ ।
- ଦୁଇ ଜଣ ଆତଙ୍କବାଦୀ ଏବଂ ନିଶାଦ୍ରବ୍ୟ ଚୋରା ଚାଲାଣକାରୀ ଗିରଫ ।
- କେପିଏସସି ନିଯୁକ୍ତି ମାମଲାରେ ଇଡିର କର୍ଣ୍ଣାଟକ ଓ ଗୁଜରାଟର ୨୧ଟି ସ୍ଥାନରେ ଚଢ଼ଉ ।
- ପ୍ରତିରକ୍ଷା ମନ୍ତ୍ରଣାଳୟ ଷଷ୍ଠ ସ୍ୱଦେଶୀକରଣ ତାଲିକାରେ ୪୦୫ଟି ସାମଗ୍ରୀର ଆମଦାନୀ ଉପରେ ଲଗାଇଲା ପ୍ରତିବନ୍ଧ ।
- ସ୍କୁଲ ପିଲାମାନଙ୍କ ପାଇଁ ଆଧାରରେ ୨ କୋଟିରୁ ଅଧିକ ବାଧ୍ୟତାମୂଳକ ବାୟୋମେଟ୍ରିକ୍ ଅପଡେଟ୍ ସମାପ୍ତ, ଅଭିଯାନରେ ଯୋଗ ଦେଲେ ୧.୫୬ ଲକ୍ଷ ବିଦ୍ୟାଳୟ ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୫୮୯ (+୨୩)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୯୦ (+୨୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୬୯୨ (+୧୬)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୦ (+୦)

# କଂଗ୍ରେସ 'ମାଓବାଦୀ ଦଳ'ରେ ପରିଣତ ହେଉଛି : ସଂସଦୀୟ ବ୍ୟାପାର ମନ୍ତ୍ରୀ

**ନୂଆଦିଲ୍ଲୀ, ୧୮ ।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଦିମାଗୀ ନକ୍ସଲ' ମନ୍ତବ୍ୟକୁ ନେଇ ରାଜନୈତିକ ବିବାଦ ମଧ୍ୟରେ କଂଗ୍ରେସକୁ ଟାର୍ଗେଟ୍ କରିଛନ୍ତି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ । ମଙ୍ଗଳବାର ସେ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ଏବେ 'ମାଓବାଦୀ ଓ ନକ୍ସଲଙ୍କ ଦଳ' ଭଳି ହେବାକୁ ଯାଉଛି । ତେବେ ମୋଦୀଙ୍କ 'ଦିମାଗୀ ନକ୍ସଲ' ମନ୍ତବ୍ୟ କୌଣସି ନିର୍ଦ୍ଦିଷ୍ଟ ବିରୋଧୀ ଦଳକୁ ଲକ୍ଷ୍ୟ କରି ଦିଆଯାଇନଥିଲା ବୋଲି ରିଜିଜୁ ସ୍ପଷ୍ଟ କରିଛନ୍ତି ।



ଅଗଷ୍ଟ ୧୫ରେ ଲାଲକିଲ୍ଲାରୁ ଦେଶବାସୀଙ୍କୁ ସମ୍ବୋଧନ କରିବା ବେଳେ ମୋଦୀ କହିଥିଲେ ଯେ ଜଙ୍ଗଲରେ ସକ୍ରିୟ ଥିବା ସଶସ୍ତ୍ର ନକ୍ସଲମାନଙ୍କୁ ବହୁ ପରିମାଣରେ ହଟାଯାଇଛି । କିନ୍ତୁ ଦେଶର ବିଭିନ୍ନ ଅଞ୍ଚଳରେ 'ଦିମାଗୀ ନକ୍ସଲ' ରହିଛନ୍ତି ଏବଂ ସେମାନଙ୍କୁ ଚିହ୍ନଟ କରି ହଟାଯିବା ଆବଶ୍ୟକ । ଏହି ମନ୍ତବ୍ୟ ପରେ ବିରୋଧୀ ଦଳଗୁଡ଼ିକ ଆପତ୍ତି ଉଠାଇଥିଲେ । କଂଗ୍ରେସ ସାଂସଦ ପି. ଚିଦାମ୍ବରମ୍ 'ଦିମାଗୀ ନକ୍ସଲ' ଶବ୍ଦକୁ ନେଇ ସାମାଜିକ ଗଣମାଧ୍ୟମରେ 'ମୁଁ ବି ଜଣେ ଦିମାଗୀ ନକ୍ସଲ ଓ ମୁଁ ଏଥିପାଇଁ ଗର୍ବିତ' ବୋଲି କହିଥିଲେ । ଏହାକୁ ନେଇ ରିଜିଜୁ ପ୍ରଶ୍ନ ଉଠାଇଛନ୍ତି । ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ମୋଦୀଙ୍କ ମନ୍ତବ୍ୟ କୌଣସି ନିର୍ଦ୍ଦିଷ୍ଟ ବିରୋଧୀ ଦଳ (ପୃଷ୍ଠା ୭ରେ)

# ଭିଣ୍ଡ୍‌ରେ ପିକଅପ୍-ଡମ୍ପର ଧକ୍କା : ୮ ଶ୍ରମିକ ମୃତ

**ଭିଣ୍ଡ, ୧୮ ।୮**

ମଧ୍ୟପ୍ରଦେଶର ଭିଣ୍ଡ୍ ଜିଲ୍ଲାରେ ସୋମବାର ବିଳମ୍ବିତ ରାତିରେ ୭୧୯ ନମ୍ବର ଜାତୀୟ ରାଜପଥର ଗୋହାଡ ଚୌରାହା ଥାନା ଅଞ୍ଚଳର ଛିମକା ଗ୍ରାମ ନିକଟରେ ଶ୍ରମିକମାନଙ୍କୁ ନେଇ ଯାଉଥିବା ଏକ ପିକଅପ୍ ଟ୍ରକ୍ ସାମ୍ନାରୁ ଆସୁଥିବା ଡମ୍ପର ସହିତ ଧକ୍କା ହେବା ଫଳରେ ୮ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିବା ସହିତ ଆଉ ୨୩ଜଣ ଆହତ ହୋଇଛନ୍ତି । ଏହି ଦୁର୍ଘଟଣା ନେଇ ଚମ୍ବଲ ରେଞ୍ଜ ଡିଆଇଜି ସୁନୀଲ କୁମାର ଜୈନ ନିଶ୍ଚିତ କରିଛନ୍ତି । ଏହି ଦୁର୍ଘଟଣାରେ ଆଠ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି ଏବଂ ୨୩ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର । ଗୋହାଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଆହତଙ୍କୁ ଗ୍ୱାଲିୟରକୁ ସ୍ଥାନାନ୍ତର କରାଯାଇଛି । ମୃତକଙ୍କ ପରିଚୟ ଏବଂ ଆହତଙ୍କ ବିଷୟରେ ସମ୍ପୂର୍ଣ୍ଣ ସୂଚନା ସଂଗ୍ରହ କରାଯାଉଛି ।ସୋମବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ପିକଅପ୍ ଡ୍ରାଇଭର ରାଜପଥରେ ଗାଈମାନଙ୍କୁ ଏଡାଇବା ପାଇଁ ବୁଲାଇଥିଲେ, ଯାହା ଫଳରେ ସାମ୍ନାରୁ ଆସୁଥିବା ଡମ୍ପର ସହିତ (ପୃଷ୍ଠା ୭ରେ)

## କ୍ଷତିପୂରଣ ଘୋଷଣା କଲେ ମୁଖ୍ୟମନ୍ତ୍ରୀ ଯୋଗୀ

**ଲକ୍ଷ୍ମୀମପୁରଖେରି, ୧୮ ।୮**

ସୋମବାର ବିଳମ୍ବିତ ରାତିରେ ମଧ୍ୟପ୍ରଦେଶର ଭିଣ୍ଡ୍ ଜିଲ୍ଲାରେ ଏକ ବଡ଼ ସଡ଼କ ଦୁର୍ଘଟଣାରେ ଉତ୍ତରପ୍ରଦେଶର ଲକ୍ଷ୍ମୀମପୁର ଖେରି ଜିଲ୍ଲାର ଆଠ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ଗଭୀର (ପୃଷ୍ଠା ୭ରେ)

# ବିରଜା ଶଙ୍କର ମିଶ୍ର ଓଏଚଆରସିର ସଦସ୍ୟ ନିଯୁକ୍ତ

**ଭୁବନେଶ୍ୱର, ୧୮ ।୮**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ମାନବାଧିକାର କମିଶନ (ଓଏଚଆରସି)ର ନୂତନ ସଦସ୍ୟ ଭାବେ କେନ୍ଦୁଝରର ଆଡଭୋକେଟ୍ ବିରଜା ଶଙ୍କର ମିଶ୍ରଙ୍କୁ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି ।

ଓଡ଼ିଶା ସରକାରଙ୍କ ଆଇନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ମାନବାଧିକାର ସୁରକ୍ଷା ଅଧିନିୟମ, ୧୯୯୩ର ଧାରା ୨୨(୧) ଅନୁଯାୟୀ ଶ୍ରୀ ମିଶ୍ରଙ୍କୁ ରାଜ୍ୟପାଳ ଓଡ଼ିଶା ମାନବାଧିକାର କମିଶନର ସଦସ୍ୟ ଭାବେ ନିଯୁକ୍ତ କରିଛନ୍ତି । ସେ ନିଜ ପଦର ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଏହି ନିଯୁକ୍ତି କାର୍ଯ୍ୟକାରୀ ହେବ । ଏନେଇ ଆଇନ ବିଭାଗ ପକ୍ଷରୁ ମଙ୍ଗଳବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ସି-ବକ୍ସ' ପୋର୍ଟାଲ୍ ଅପଡେଟ୍ ଓ ନିୟମ କଡ଼ାକଡ଼ି ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୮ ।୮ : ନ୍ୟୁଜ୍ ବ୍ୟୁରୋ**

କଲେଜରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱ ଦେଇଛି । ସି-ବକ୍ସ' ପୋର୍ଟାଲ୍ ଅପଡେଟ୍ ଓ ନିୟମ କଡ଼ାକଡ଼ି ପାଇଁ ନିର୍ଦ୍ଦେଶ ଦେଇଛି ଉଚ୍ଚ ଶିକ୍ଷା ବିଭାଗ । ଅନୁପାଳନ ରିପୋର୍ଟ ଉଚ୍ଚଶିକ୍ଷା ବିଭାଗକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି । କେନ୍ଦ୍ର ସରକାରଙ୍କ ଚିଠି ପରେ ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ।

# ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ୧୬ ଭାରତୀୟ ନାବିକ ମନା କଲେ

**ନୂଆଦିଲ୍ଲୀ, ୧୮ ।୮**

ଯୁଦ୍ଧ ପରିସ୍ଥିତି ମଧ୍ୟରେ ବିପଜ୍ଜନକ ହୋଇପଡ଼ିଥିବା ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଇବାକୁ ୧୬ ଜଣ ଭାରତୀୟ ନାବିକ ମନା କରିଦେଇଛନ୍ତି । କମ୍ପାନୀ ପକ୍ଷରୁ ସେମାନଙ୍କୁ ଅଧିକ ବିପଦପୂର୍ଣ୍ଣ ଜଳପଥ ଦେଇ ଜାହାଜ ନେବାକୁ ଚାପ ଦିଆଯାଉଥିବା ଅଭିଯୋଗ କରି ସେମାନେ ଭାରତ ସରକାରଙ୍କୁ ଏସ୍ଓଏସ୍ ପଠାଇଛନ୍ତି । ନିଜ ଜୀବନକୁ ବିପଦରେ ପକାଇ ଯାତ୍ରା କରିବାକୁ ସେମାନେ ଚାହୁଁନଥିବା ଜଣାଇଛନ୍ତି ।

ହର୍ମୁଜ୍ ପ୍ରଣାଳୀ ଏବେ ଆମେରିକା-ଇରାନ ଯୁଦ୍ଧର ପ୍ରମୁଖ ବିପଦପୂର୍ଣ୍ଣ ଅଞ୍ଚଳ ହୋଇଛି । ଏହି ଜଳପଥ ଦେଇ ବିଶ୍ୱର ବିପୁଳ ପରିମାଣର ତୈଳ ଓ ଗ୍ୟାସ୍ ପରିବହନ




ହୋଇଥାଏ । ଯୁଦ୍ଧ ଆରମ୍ଭ ପରଠାରୁ ଏଠାରେ ବାଣିଜ୍ୟିକ ଜାହାଜଗୁଡ଼ିକର ଯାତାୟାତ ବାଧାପ୍ରାପ୍ତ ହେବା ସହ ନାବିକଙ୍କ ସୁରକ୍ଷା ନେଇ ଗମ୍ଭୀର ଚିନ୍ତା ସୃଷ୍ଟି ହୋଇଛି । ଆକ୍ରମଣର ଆଶଙ୍କା ସହ ଜିପିଏସ୍ (ପୃଷ୍ଠା ୭ରେ)

## ହର୍ମୁଜ୍ ଜାହାଜ ଉପରେ ଆକ୍ରମଣ ଇଞ୍ଜିନ ରୁମ କ୍ଷତିଗ୍ରସ୍ତ

**ନୂଆଦିଲ୍ଲୀ, ୧୮ ।୮**

ପୁଣି ହର୍ମୁଜ୍ ଜାହାଜ ଉପରେ ଆକ୍ରମଣ । ମଙ୍ଗଳବାର ସକାଳେ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଏକ ଜାହାଜରେ ଏକ ବଡ ବିସ୍ଫୋରଣ ଘଟିଥିବା ଖବର ମିଳିଛି । ବ୍ରିଟିଶ ସେନାର ୟୁକେ ମେରିଟାଇମ୍ ଟ୍ରେଡ୍ ଅପରେସନ୍ସ (ୟୁକେଏମଟିଓ) ଅନୁଯାୟୀ, ଏହି ଆକ୍ରମଣ ଜାହାଜର ଇଞ୍ଜିନ୍ ରୁମ୍ କ୍ଷତିଗ୍ରସ୍ତ କରିଥିଲା ଏବଂ ଜଣେ କ୍ରୁ ସଦସ୍ୟଙ୍କ ମୃତ୍ୟୁ ଘଟିଥିଲା । କୌଣସି (ପୃଷ୍ଠା ୭ରେ)

## ଡିଜିପି ନିଯୁକ୍ତି ପ୍ରସଙ୍ଗ ସେପ୍ଟେମ୍ବର ୨ରେ ପରବର୍ତ୍ତୀ ଶୁଣାଣି

**ଭୁବନେଶ୍ୱର, ୧୮ ।୮**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଡିଜିପି ନିଯୁକ୍ତି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଦାୟର ପିଆଇଏଲ ଉପରେ ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି । ସୁପ୍ରିମକୋର୍ଟରେ ଓଡ଼ିଶା ଡିଜିପି ନିଯୁକ୍ତି ମାମଲାରେ ନିଜ ପକ୍ଷ ରଖିଛନ୍ତି ଓଡ଼ିଶା ସରକାର । ସେପ୍ଟେମ୍ବର ୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତିକୁ ନେଇ ଦେଖାଦେଇଥିବା ବିବାଦୀୟ ମାମଲାର ୧୮ ତାରିଖରେ ଶୁଣାଣି ହେବା ନେଇ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

## ଏକାଳ ପଖାଳ



ବିଧାତା ହେ କାହିଁ ବାକି ରଖିଛ
ସବୁ ଲଘୁଚାପ ଛାଡ
ବନ୍ୟା ଜଳେ ବୁଡି ରାଇଜଟା ପୁରା
ଖାଏ ଗୋଗୋଛିଆ ମାଡ
ଭାଙ୍ଗିଛି ବିକାଶ ଗୋଡ
ଭିଜି ଭିଜି ରାଇଜ ଜନତା
ଧରିବେ ଦୁର୍ଭାଗ୍ୟ ଥାଳ !

# ରାଜଧାନୀ ଜଳବନ୍ଦୀ ସମସ୍ୟା : ୨୦୫୦କୁ ଲକ୍ଷ୍ୟ ରଖି ମାଷ୍ଟରପ୍ଲାନ



**ଭୁବନେଶ୍ୱର, ୧୮ ।୮**

**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ବୈଠକରେ ରାଜଧାନୀର ବର୍ଜ୍ୟଜଳ ଡ୍ରେନେଜ୍ ମାଷ୍ଟରପ୍ଲାନ୍‌ର ଚିଠା ଉନ୍ମୋଚିତ ହୋଇଛି । ୨୦୫୦ ମସିହା ପର୍ଯ୍ୟନ୍ତ ଜଳବନ୍ଦୀ ସମସ୍ୟା ଓ ବର୍ଜ୍ୟଜଳ ନିଷ୍କାସନକୁ ଆଖି ଆଗରେ ରଖି ଏହି ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଛି । ବିଶେଷ କରି ଦୟାନଦୀଠାରୁ ଗଙ୍ଗୁଆ ନାଳ ପର୍ଯ୍ୟନ୍ତ ବର୍ଷା ଓ ବର୍ଜ୍ୟଜଳ ପ୍ରବାହ କ୍ଷମତା, ଗଡ଼ାଣି ଅଞ୍ଚଳ ଆଦିର ସର୍ଭେ କରାଯାଇଛି । ଏହି ସର୍ଭେ ପାଇଁ ୨୦୨୫ ଫେବୃୟାରୀ ୧୮ରେ ଆଇଆଇଟି ରୁରକୀ ସହ ବିଏମ୍ସି ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲା । ଆଇଆଇଟି ରୁରକୀକୁ ଭୁବନେଶ୍ୱର ସହର ପାଇଁ ଏକ ବିସ୍ତୃତ ବର୍ଜ୍ୟଜଳ ପରିଚାଳନା ପ୍ଲାନ୍ ଓ ଡିପିଆର ପ୍ରସ୍ତୁତିରେ ବୈଷୟିକ ପରାମର୍ଶଦାତା ଭାବେ ନିୟୋଜନ କରାଯାଇଥିଲା । କେବଳ ନାଳ ନିର୍ମାଣ ନୁହେଁ, ବରଂ ସମଗ୍ର ଭୁବନେଶ୍ୱରକୁ ଏକ ସମନ୍ୱିତ ସହରାଞ୍ଚଳ ଜଳ ବିଭାଜିକା ବ୍ୟବସ୍ଥାକୁ ନଜରରେ ରଖି ବୈଜ୍ଞାନିକ ଉପାୟରେ ଓ ଦୀର୍ଘମିଆଦୀ ସୂତ୍ରରେ ବର୍ଜ୍ୟଜଳ ପରିଚାଳନା ରୂପରେଖ ପ୍ରସ୍ତୁତ କରିବା ଏହାର ଲକ୍ଷ୍ୟ ଥିଲା ।

ଏହି ସର୍ଭେରେ ବିଏମ୍ସିର ପ୍ରାୟ ୨୫୬ ବର୍ଗ କିଲୋମିଟର ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇଥିଲା । (ପୃଷ୍ଠା ୭ରେ)

# ପୁଣି ଲଘୁଚାପ : ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୮ ।୮**

**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୨ କିମ୍ବା ୨୩ ତାରିଖ ବେଳକୁ ଉତ୍ତରପଶ୍ଚିମ ବଙ୍ଗୋପସାଗର ଓ ତତ୍ସଂଲଗ୍ନ ଉତ୍ତର ଓଡ଼ିଶା ଉପକୂଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହାର ପ୍ରଭାବରେ ୨୧ ତାରିଖଠାରୁ ପୁଣି ଥରେ ଉତ୍ତର ଓଡ଼ିଶାରେ ବର୍ଷା ପରିମାଣ ବୃଦ୍ଧି ପାଇବ । ପଶ୍ଚିମ ଓଡିଶାର କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ବୁଧବାର ୩ ଜିଲ୍ଲା ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ



ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବରଗଡ, ଝାରସୁଗୁଡା, ସୁନ୍ଦରଗଡରେ ୧୨ ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେହିପରି ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଦେବଗଡ ଓ କେନ୍ଦୁଝରରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଅଗଷ୍ଟ ୨୦୨୬ ବୁଧବାର




## ସହିଦ ଲକ୍ଷ୍ମଣ ନାୟକଙ୍କ ବୀରତ୍ୱର ଗାଥା ସ୍ମରଣକଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ସହର ସ୍ଥିତ ଷ୍ଟାଡିୟମ୍ ଠାରେ ମହାଉଲ୍ଲାସରେ ୮୦ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓଡ଼ିଶା ସରକାର ମୁଖ୍ୟଅତିଥି ରୂପେ ଯୋଗଦେଇ ସକାଳ ୯.୧୫ମି ସମୟରେ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ସମବେତ ପରେଡ୍‌ର ଅଭିବାଦନ ଗ୍ରହଣ କରି ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜାତୀୟ ପତାକା ଉତ୍ତୋଳନ ପୂର୍ବରୁ ଜାତୀୟ ଗୀତ 'ବନ୍ଦେ ମାତରଂ' ସାମୂହିକ ଗାନ କରାଯାଇଥିଲା ଏବଂ ଉତ୍ତୋଳନ ପରେ ପୋଲିସ ବ୍ୟାଣ୍ଡ ପାର୍ଟି ଜାତୀୟ ସଙ୍ଗୀତ 'ଜନ ଗଣ ମନ' ପରିବେଷଣ କରିଥିଲେ। ଏହି ଅବସରରେ ପ୍ରାତଃ ଘ ୪.୩୦ମି ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ରାମଧୂନ୍ ପରିବେଷଣ, ସକାଳ ୭.୦୦ ମିନଟ୍ ସମୟରେ ସହରର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ୧୪ଟି ମହାପୁରୁଷଙ୍କ ପ୍ରତିମୂର୍ତ୍ତିଙ୍କ ଠାରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଉପ ଜିଲ୍ଲାପାଳଙ୍କ ଦ୍ୱାରା ସ୍କୁଲ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀଙ୍କ ଗହଣରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଭାତ ଫେରି, ସକାଳ ୭.୩୦ମି ସମୟରେ ସହରର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ସହ ବିଧାୟକ ନବରଙ୍ଗପୁର ଗୌରୀଶଙ୍କର ମାଝୀ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକ କାଶ୍ୟପ ପାର୍ଥ ଜଗଦୀଶ, ପୌରପାଳିକା ଅଧକ୍ଷ କୁନୁ ନାୟକ ମଞ୍ଚରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ନବରଙ୍ଗପୁର ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ମହାନତା, ପାପଡ଼ାହାଣ୍ଡି ସହିଦଙ୍କ ବଳିଦାନ ଓ ସହିଦ ଲକ୍ଷ୍ମଣ ନାୟକଙ୍କ ବିରତ୍ୱକୁ ସ୍ମରଣ କରି ନବରଙ୍ଗପୁର ଜିଲ୍ଲାରେ ରେଳପଥ, ମେଡ଼ିକାଲ୍ କଲେଜ ସ୍ଥାପନ, ଭାରତମାଳା ସହ କୃଷି, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ଜିଲ୍ଲାର ଅଗ୍ରଗତିକୁ ଉଲ୍ଲେଖ କରି ଜିଲ୍ଲାକୁ ସମୃଦ୍ଧ ଜିଲ୍ଲାରେ ପରିଣତ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ ଦିଗରେ ସମସ୍ତଙ୍କ ସହଯୋଗ କାମନା କଲେ।

## ସାଇବର ସଚେତନତା ଓ ନିଶାମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍ ଅଇଁଲାଝୁଲି ଗ୍ରାମରେ ବାଉଁଶୁଣି ଥାନା ପକ୍ଷରୁ ଆମ ପୋଲିସ୍ ସମିତି ବୈଠକ ସହ ସାଇବର ସଚେତନତା ଓ ନଶାମୁକ୍ତ ଭାରତ ସମ୍ପର୍କିତ ଏକ ବିଶେଷ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାଇବର ଠକେଇର ବିଭିନ୍ନ ଉପାୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଅଜଣା ଲିଙ୍କରେ କ୍ଲିକ୍ ନକରିବା, କାହାରି ସହ ଓଟିପି, ଏଟିଏମ୍ ପିନ୍, ପାସୱାର୍ଡ କିମ୍ବା ବ୍ୟାଙ୍କ୍ ସମ୍ପର୍କିତ ଗୋପନୀୟ ତଥ୍ୟ ଅଂଶୀଦାର ନହେବା ନେଇ ସତର୍କ କରାଯାଇଥିଲା। ସାଇବର ଠକେଇର ଶିକାର ହେଲେ ତୁରନ୍ତ ଅଭିଯୋଗ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା। ଏହାସହ ନିଶାଦ୍ରବ୍ୟର କୁପ୍ରଭାବ ଓ ଏହା ଯୁବପିଢ଼ି ତଥା ସମାଜ ଉପରେ ପକାଉଥିବା ନକାରାତ୍ମକ ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିଶାମୁକ୍ତ ସମାଜ ଗଠନରେ ପରିବାର, ଯୁବପିଢ଼ି ଓ ସାଧାରଣ ଜନତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସଚେତନ କରାଯାଇଥିଲା। ଆମ ପୋଲିସ୍ ସମିତି ବୈଠକ ମାଧ୍ୟମରେ ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ଓ ସମନ୍ୱୟ ବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଗ୍ରାମାଞ୍ଚଳରେ ଏଭଳି ସଚେତନତା କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଗଲେ ସାଇବର ଅପରାଧ ଓ ନିଶା ସମ୍ପର୍କିତ ସମସ୍ୟା ବିରୋଧରେ ଜନସଚେତନତା ଆହୁରି ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଥିଲା।

# ସ୍ୱାଧୀନତା ସଂଗ୍ରାମରେ ସୁନ୍ଦରଗଡ଼ ମାଟିର ଅବଦାନ ଅତୁଳନୀୟ:ଉପମୁଖ୍ୟମନ୍ତ୍ରୀ

**ରାଉରକେଲା, ନ୍ୟୁଜ୍**

ସୁନ୍ଦରଗଡ଼ ସଦର ମହକୁମା ଠାରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହିତ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ପବିତ୍ର ଦିବସ ଉପଲକ୍ଷେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମୁକ୍ତି, ଅହିଂସା, ଶାନ୍ତି ଓ ସଦିଚ୍ଛାର ମହାନ୍ ପର୍ବ ସ୍ୱାଧୀନତା ଦିବସ ଉପଲକ୍ଷେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଦେଶର ମୁକ୍ତି ପାଇଁ ପ୍ରାଣବଳି ଦେଇଥିବା ଅଗଣିତ ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଜାତୀୟବାଦୀ



ନେତୃବୃନ୍ଦଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ବିଶ୍ୱ ଇତିହାସରେ ଭାରତର ସ୍ୱାଧୀନତା ସଂଗ୍ରାମ ଏକ ଅନନ୍ୟ ଅଧ୍ୟାୟ। ଭାରତବର୍ଷରୁ ବ୍ରିଟିଶ ଶାସନର ଅନ୍ତ ଘଟାଇବା ପାଇଁ ସଂଗଠିତ ଆନ୍ଦୋଳନର ମୂଳଭିତ୍ତି ଥିଲା ଅହିଂସା, ସତ୍ୟାଗ୍ରହ, ଓ ଅସହଯୋଗ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଗଣିତ ଭାରତୀୟ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ଦେଶର ମୁକ୍ତି ପାଇଁ ପ୍ରାଣବଳି ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ନେତୃବୃନ୍ଦ ଯଥା ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ମୌଲାନା ଅବ୍ଦୁଲ୍ କଲାମ୍ ଆଜାଦ୍‌ଙ୍କ ସମେତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସହିଦ ଭଗତ ସିଂ, ଚନ୍ଦ୍ର ଶେଖର ଆଜାଦ୍ ପ୍ରମୁଖଙ୍କ କୀର୍ତ୍ତି ଆଜି ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିଛି। ସେହିଭଳି ଭାବେ ସ୍ୱାଧୀନତା ସଂଗ୍ରାମରେ ସୁନ୍ଦରଗଡ଼ ମାଟିର ଅବଦାନ ଅତୁଳନୀୟ। ଭଗବାନ ବିର୍ସା ମୁଣ୍ଡାଙ୍କ ନେତୃତ୍ୱରେ ଇଂରେଜ ମାନଙ୍କ ବିରୋଧରେ ସଂଗ୍ରାମରେ ଅଗଣିତ ବୀର ସନ୍ତାନମାନେ ନିଜ ଜୀବନକୁ ବାଜି ଲଗେଇ ଆଗେଇ ଆସିଥିଲେ। ନିର୍ମଳ ମୁଣ୍ଡା, ଜଗନ୍ ତନ୍ତୀ, ବଳଭଦ୍ର ତନ୍ତୀ, ଦ୍ୱାରିକା ନାଥ କୁସୁମ, ଓକିଲ ଧନଞ୍ଜୟ ମହାନ୍ତି, ଚିରଞ୍ଜିଲାଲ ଶର୍ମା, ଅଭିରାମ ପ୍ରସାଦ ବର୍ମା, ଗଙ୍ଗା ସିଂ, ଫତେ ଚାନ୍ଦ ଭଳି ଅନେକ ପ୍ରମୁଖ ବୀର ସନ୍ତାନମାନେ ଇଂରେଜ ବିରୋଧୀ ଆନ୍ଦୋଳନକୁ ଆହୁରି ବ୍ୟାପକ କରିଥିଲେ। ସେହିଭଳି ପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜ ବକ୍ତବ୍ୟରେ କହିଥିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ନେତୃତ୍ୱରେ ପରିଚାଳିତ ସରକାର ରାଜ୍ୟକୁ ବିକଶିତ କରିବାରେ ନିରନ୍ତର ପ୍ରୟାସ ଜାରି ରଖିଛି। ସେ ସ୍ୱାସ୍ଥ୍ୟ କ୍ଷେତ୍ର ହେଉ କି କୃଷି, ଶିକ୍ଷା କ୍ଷେତ୍ର, ଶିଳ୍ପ କ୍ଷେତ୍ର, ମହିଳା ସଶକ୍ତିକରଣ, ଯୁବ ସଶକ୍ତିକରଣ, ଜନଜାତିଙ୍କ ବିକାଶ, ଗ୍ରାମ ଓ ସହର ଗୁଡ଼ିକ ବିକାଶ, ଅତ୍ୟାଧୁନିକ ପରିବହନ ବ୍ୟବସ୍ଥା, କଳା, ସଂସ୍କୃତି, ଐତିହ୍ୟର ବିକାଶ ଏବଂ ସଂରକ୍ଷଣ ଭଳି ପ୍ରତ୍ୟେକ କ୍ଷେତ୍ରରେ ସାମଗ୍ରିକ ବିକାଶ ଦିଗରେ ଓଡ଼ିଶା ଆଗଭର ହେଉଛି। ଓଡ଼ିଶାର ସାମଗ୍ରିକ ଉନ୍ନତି ଦାୟିତ୍ୱ ଆମ ସମସ୍ତଙ୍କର। ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟ ଭାବେ ଗଢିତୋଳିବା ପାଇଁ ଏହି ପବିତ୍ର ଦିବସରେ ଆମେ ସଂକଳ୍ପ ନେବାକୁ ଉପମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଥିଲେ।

## ଏକ ଆତ୍ମନିର୍ଭର, ସଶକ୍ତ, ବିକଶିତ ଭାରତ ଗଠନ ପାଇଁ ଆହ୍ୱାନ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ରାଜରାସ୍ତାରେ ୮୦ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସମ୍ମାନନୀୟ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ପରେ ବରଗଡ଼ ଜିଲ୍ଲାର ପଦ୍ମ ପୁରସ୍କାର ପ୍ରାପ୍ତ ଓ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ବ୍ୟକ୍ତିବିଶେଷଙ୍କ ସମେତ ଶିକ୍ଷା, କ୍ରିଡା ତଥା ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରି ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମାରୋହରେ ପଦ୍ମଶ୍ରୀ ଡ଼ ହଳଧର ନାଗଙ୍କ ସମେତ ୧୦ ଜଣ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ବାଳକ ଏବଂ ବାଳିକା ବର୍ଗର ସର୍ବୋତ୍ତମ ଏନ୍.ସି.ସି. କେଡେଟ, ସ୍କାଉଟ୍ ଗାଇଡ଼ ଏବଂ ବି.ଏସ୍.ଇ, ସି.ବି.ଏସ୍.ଇ ଓ ଆଇ.ସି.ଏସ୍.ଇ. ଦଶମ ବୋର୍ଡ ପରୀକ୍ଷାରେ ବରଗଡ଼ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜଣେ ବାଳକ ଏବଂ ଜଣେ ବାଳିକାଙ୍କୁ ମିଶାଇ ସର୍ବମୋଟ୍ ୬ ଜଣ ଛାତ୍ରଛାତ୍ରୀଙ୍କ ସମେତ ପରେଡ୍ ଓ ସଂସ୍କୃତିକ କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ରନାଥ ଶତପଥି ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ମୁଖ୍ୟ ଅତିଥିଙ୍କୁ ପରେଡ୍ ପଡିଆ ମଞ୍ଚ ଉପରକୁ ପାଛୋଟି ଆଣିଥିଲେ। ଜିଲ୍ଲାପାଳ ଗୋୟଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପୋଲିସ ବ୍ୟାଣ୍ଡ ଦ୍ୱାରା ପରିବେଷିତ ରାଷ୍ଟ୍ରୀୟ ସଂଗୀତ ଏବଂ ତତ୍ପରେ ରିଜର୍ବ ପୋଲିସ ନିରୀକ୍ଷକ ତଥା ପରେଡ୍ କମାଣ୍ଡରଙ୍କ ଦ୍ୱାରା ପରିଚାଳିତ ପରେଡ୍‌ରେ, ପୋଲିସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ରେଡ଼କ୍ରସ୍, ଜାତୀୟ ସେବା ଯୋଜନା, ସ୍କାଉଟ୍ ଏବଂ ଗାଇଡ୍ ଓ ସିଭିଲିଆନ୍ ସମେତ ୩୬ ଗୋଟି ଟ୍ରୁପ୍ ରାଷ୍ଟ୍ରୀୟ ଏକତାର ପରିଚୟ ତ୍ରିରଙ୍ଗା ପତାକା ଏବଂ ମୁଖ୍ୟ ଅତିଥିଙ୍କୁ ସମ୍ମାନ ଜଣାଇ ଏହି ପାରମ୍ପରିକ ପରେଡ୍ କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଗୋୟଲ ନିଜ ଅଭିଭାଷଣରେ ବରଗଡ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଏବଂ ବଳିଦାନର ଇତିହାସ ବିଷୟରେ କହିବା ସହ ଜିଲ୍ଲାରେ ପ୍ରଶାସନ ଦ୍ୱାରା ବିଭିନ୍ନ ଜନହିତକର କାର୍ଯ୍ୟକଳାପ ଏବଂ ଯୁଗଉପଯୋଗୀ କାର୍ଯ୍ୟ ସମସ୍ତ ବିଷୟରେ କହିଥିଲେ। ଏତଦ୍‌ବ୍ୟତୀତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଆଲୋକପାତ କରି ଶିକ୍ଷା, ସ୍ୱାସ୍ଥ୍ୟ ସେବା, କ୍ରିଡ଼ା, ଗମନାଗମନ ଭଳି ବିଭିନ୍ନ କ୍ଷେତ୍ରରେ ବିକାଶ କରିବା ସହ ରାଜ୍ୟର ପ୍ରଥମ ଜିଲ୍ଲା ଭାବେ ଗଠନ କରିବା ପାଇଁ ସମସ୍ତ ଜିଲ୍ଲାବାସୀଙ୍କ ସହଭାଗୀତା ଲୋଡ଼ିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ସମେତ ଜିଲ୍ଲାପରିଷଦ ଅଧକ୍ଷା ମାନିନୀ ଭୋଇ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ମଧୁଛନ୍ଦା ସାହୁ, ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।




## ଦେଶ ବିଭାଜନ ବେଳେ ପ୍ରାଣ ହରାଇଥିବା ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ଅତ୍ୟନ୍ତ ଭାବପୂର୍ଣ୍ଣ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ଅନ୍ୟ ଅତିଥିମାନେ ସଂସ୍କୃତି ଭବନ ପରିସରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଜିଲ୍ଲାପାଳ ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଐତିହାସିକ ଫଟୋ ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ। ଦେଶ ବିଭାଜନ ସମୟରେ ପ୍ରାଣ ହରାଇଥିବା ସମସ୍ତ ନିରୀହ ଆତ୍ମାଙ୍କ ସଦ୍‌ଗତି କାମନା କରି ଜିଲ୍ଲାପାଳ ଓ ଅତିଥିମାନେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ଦୀପ ପ୍ରଜ୍ଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. ଦାମୋଦର ବେହେରା ସ୍ୱାଗତ ଭାଷଣ ପ୍ରଦାନକରି କହିଥିଲେ ଯେ, ଆମେ ଆମର ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅତୁଳନୀୟ ବଳିଦାନକୁ କେବେ ମଧ୍ୟ ଭୁଲିବା ଉଚିତ୍ ନୁହେଁ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡା. ରାଜକିଶୋର ପଣ୍ଡା ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ଏହି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଏହି ବିଭାଜନ ସ୍ମୃତି ଦିବସ ବାସ୍ତବରେ ୧୯୪୭ ମସିହାରୁ ହିଁ ପାଳନ ହେବାର ଆବଶ୍ୟକତା ଥିଲା, ଆମେ ଏ ଦିଗରେ ବିଳମ୍ବ କରିଛୁ ସତ, କିନ୍ତୁ ବର୍ତ୍ତମାନ ଆମେ ସଚେତନ ହୋଇପାରିଛୁ ତାହା ହିଁ ବଡ଼ କଥା। ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ କହିଥିଲେ ଯେ, 'ଯେଉଁ ସଭ୍ୟତା ନିଜ ଇତିହାସରୁ କିଛି ଶିକ୍ଷା ଗ୍ରହଣ କରେନାହିଁ, ଭବିଷ୍ୟତରେ ତାହାକୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିଥାଏ।' ମାନବ କଲ୍ୟାଣ ନିମନ୍ତେ ଇତିହାସରୁ ଶିକ୍ଷା ଲାଭ କରିବାର ଗୁରୁତ୍ୱ ଉପରେ ସେ ବିଶେଷ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହ ସେ ଛାତ୍ରଛାତ୍ରୀ ଓ ସାଧାରଣ ନାଗରିକମାନଙ୍କୁ ସଂସ୍କୃତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଫଟୋ ପ୍ରଦର୍ଶନୀ ପରିଦର୍ଶନ କରିବା ଏବଂ ବିଭାଜନ ଉପରେ ପର୍ଯ୍ୟବେସିତ ପ୍ରାମାଣିକ ଚଳଚ୍ଚିତ୍ର ଦେଖିବାକୁ ଅନୁରୋଧ କରିଥିଲେ। ବିଭାଜନର ସେହି ଭୟାନକ ଚିତ୍ର ଓ ଯନ୍ତ୍ରଣାଦାୟକ କାହାଣୀ ଦେଖି ସେଠାରେ ଉପସ୍ଥିତ ସମସ୍ତ ଜନସାଧାରଣ ଅତ୍ୟନ୍ତ ଭାବପ୍ରବଣ ହୋଇପଡ଼ିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ କୁମାରସେନ ସେନାପତି ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟପକ୍ଷରେ, ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ତହସିଲ ଏବଂ ବ୍ଲକ କାର୍ଯ୍ୟାଳୟ ଗୁଡ଼ିକରେ ଏକକାଳୀନ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ବିଭାଜନର ବିଭୀଷିକାରେ ପ୍ରାଣ ହରାଇଥିବା ନିରୀହ ଆତ୍ମାଙ୍କ ସଦ୍‌ଗତି କାମନା କରି ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସାମୁହିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ଦେବାରେ ଭୁଲିଗଲା ପ୍ରଶାସନ

**ଗୁଣପୁର, ନ୍ୟୁଜ୍ ବ୍ୟୁରୋ**



ଦୀର୍ଘ ଅଢ଼େଇ ବର୍ଷ ହେଲା ବାରମ୍ବାର ଅବଗତ କରିବା ସତ୍ତ୍ୱେ ଗୁଣପୁର ପୌରପ୍ରଶାସନ ଜାତୀୟ ଦିବସ ଗୁଡ଼ିକରେ ମହାତ୍ମାଗାନ୍ଧିଜୀ ଏବଂ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି (ଦାଣ୍ଡିଯାତ୍ରା)କୁ ଫୁଲ ମାଳ ପକେଇ ଶ୍ରଦ୍ଧାଞ୍ଜଳି ଜଣେଇବାକୁ ଭୁଲିଯାଇଛନ୍ତି। ଶନିବାର ଦିନ ସ୍ୱାଧୀନତା ଦିବସ ପାଳନ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହେବାରୁ ବାଧ୍ୟହୋଇ ସିପିଆଇଏମ୍ଏଲ୍ ଲିବରେସନ୍‌ର ଜିଲ୍ଲା ସମ୍ପାଦକ ତିରୁପତି ଗମାଙ୍ଗ, ୧୩ ନମ୍ବର ୱାର୍ଡ କାଉନସିଲର ଭାଗୀରଥି ବିଷୋୟୀ, ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ତାଙ୍କ ନାତି ଗୌରବ ବିଷୋୟୀ ପ୍ରତିମୂର୍ତ୍ତି ଗୁଡ଼ିକୁ ଫୁଲମାଳ ପିନ୍ଧାଇ ଉଦାହରଣ ସୃଷ୍ଟି କରିଛନ୍ତି। ଏହିଭଳି ଭଲ କାର୍ଯ୍ୟକୁ ଉଦ୍‌ବ୍ୟୋକ୍ତାଙ୍କୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ଅଢ଼େଇ ବର୍ଷ ଧରି ପ୍ରତିମୂର୍ତ୍ତି ଗୁଡ଼ିକୁ ଖୋଲା ମେଲାରେ ଛାଡି ଦେଇ ଅବହେଳା ପ୍ରଦର୍ଶନ କରିଆସୁଥିବା ପୌର ପ୍ରଶାସନର କାର୍ଯ୍ୟ କଳାପକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ଏହି ଘଟଣା ପରେ ପୌର କର୍ତ୍ତୃପକ୍ଷଙ୍କୁ ଫୋନ୍‌ରେ ଉଦ୍‌ଘାଟନ ହୋଇନଥିବା ପ୍ରତିମୂର୍ତ୍ତି ଗୁଡ଼ିକୁ କେମିତି ଫୁଲ ମାଳ ପକେଇଲ ବୋଲି ପ୍ରଶ୍ନ କରିଥିଲେ। ସୌନ୍ଦର୍ଯ୍ୟକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପରେ ମଧ୍ୟ ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତି ଗୁଡ଼ିକୁ ଅଢ଼େଇ ବର୍ଷ ହେଲା ଉଦ୍‌ଘାଟନ ନକରି କାହିଁକି ଖୋଲା ମେଲାରେ ଛାଡି ଦିଆଯାଇଥିଲା ବୋଲି କାଉନସିଲର ପାଲଟା ପ୍ରଶ୍ନ କରିଥିଲେ। ଉଦ୍‌ଘାଟନ ହୋଇନଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଗୁଡ଼ିକୁ ଜରି କିମ୍ବା କପଡ଼ାରେ ସୁରକ୍ଷିତ ରୂପେ ଘୋଡେଇ ରଖିବାର ବିଧେୟ ରହିଛି। କିନ୍ତୁ ପୌରପ୍ରଶାସନ ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣକରିନଥିଲା। ଏହା ସମ୍ପର୍କରେ ଜନସାଧାରଣ ବାରମ୍ବାର ପ୍ରଶ୍ନ କରିବା ସହ ଗଣମାଧ୍ୟମରେ ଅନେକ ଥର ଖବର ପ୍ରସାରଣ ପରେ ମଧ୍ୟ ପୌର ପ୍ରଶାସନ ଶୁଣିନଥିଲା। ତେଣୁ ଶନିବାର ଦିନ ସ୍ୱାଧୀନତା ଦିବସରେ ମଧ୍ୟ ଅବହେଳିତ ଅବସ୍ଥାରେ ରହିବା ଦେଖି ଫୁଲମାଳ ପିନ୍ଧା ଯାଇଥିବା ନେଇ ଶ୍ରୀ ବିଷୋୟୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଅଢ଼େଇ ବର୍ଷ ତଳେ ମୁକ୍ତା ଯୋଜନାରେ ସୌନ୍ଦର୍ଯ୍ୟକରଣ ସହ ଏକ ଛୋଟିଆ ପାର୍କର ପରିକଳ୍ପନା କରାଯାଇ ମହାତ୍ମାଗାନ୍ଧୀ ଓ ଅନ୍ୟାନ୍ୟ ମହାପୁରୁଷଙ୍କ ଦାଣ୍ଡି ଯାତ୍ରାର ପ୍ରତିମୂର୍ତ୍ତି, ଅରଟ, ତିନୋଟି ମାଙ୍କଡ଼ର ପ୍ରତିମୂର୍ତ୍ତି ଏବଂ ପାଣି କୁଣ୍ଡ ସ୍ଥାପନ କରାଯାଇଥିଲା। ଦୀର୍ଘ ଦିନ ଧରି ବର୍ଷା ଖରାରେ ପଡି ରହିବା ଯୋଗୁ ପ୍ରତିମୂର୍ତ୍ତି ଗୁଡ଼ିକୁ ଅଣାଯାଇଥିବା ବେଳେ ଗୁଡା ଯାଇଥିବା ଜରି ଚିରି ନଷ୍ଟ ହୋଇଯାଇଥିଲା। ଗତ ଦେଢ଼ ବର୍ଷ ହେଲା ପ୍ରତିମୂର୍ତ୍ତି ଗୁଡ଼ିକୁ ଆଉ ସୁରକ୍ଷିତ ଭାବେ କପଡ଼ାରେ ନଗୁଡ଼େଇ ସୌନ୍ଦର୍ଯ୍ୟ କରଣ କାମ ସରିଯାଇଥିଲେ ମଧ୍ୟ କୌଣସି କାରଣରୁ ଉଦ୍‌ଘାଟନ ନକରି ପ୍ରତିମୂର୍ତ୍ତି ଗୁଡ଼ିକୁ ଖୋଲା ମେଲାରେ ଛାଡି ଦିଆଯାଇଛି। ସୂଚନାଯୋଗ୍ୟ ଯେ କାହାରି ଜଣକର ନିର୍ଦ୍ଦେଶରେ ତତ୍କାଳୀନ ନିର୍ବାହୀ ଅଧିକାରୀ ବିନା ଟେଣ୍ଡର ଓ କାର୍ଯ୍ୟାଦେଶରେ ଉକ୍ତ ପ୍ରକଳ୍ପ ଏବଂ ପ୍ରତିମୂର୍ତ୍ତି ଗୁଡ଼ିକ କ୍ରୟ କରିଥିଲେ। ତେବେ ମୁକ୍ତା ଯୋଜନା ବନ୍ଦ ହୋଇଯାଇଥିବାରୁ ଏହାପରେ ଦାୟିତ୍ୱ ନେଇଥିବା ନିର୍ବାହୀ ଅଧିକାରୀ ଠିକା ସଂସ୍ଥାର ବିଲ୍ ପଇଠ କରିବାକୁ ମନା କରିଦେଇଥିଲେ। ବର୍ତ୍ତମାନ ସମସ୍ତ ସୌନ୍ଦର୍ଯ୍ୟ ଓ ଆଲୋକୀକରଣ କାମ ଦୀର୍ଘ ମାସ ହେଲା ଶେଷ ହୋଇଯାଇଥିବା ବେଳେ ଏହି ଘଟଣା ପରେ ଆସନ୍ତା ଅଗଷ୍ଟ ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସରେ ପ୍ରତିମୂର୍ତ୍ତି ଗୁଡ଼ିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାକୁ ଯୋଜନା ହୋଇଥିବା ଶୁଣିବାକୁ ମିଳିଛି।

## ମାତୃ ସଦନରେ ଶ୍ରୀ ଅରବିନ୍ଦଙ୍କ ଜୟନ୍ତୀ ପାଳିତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ନରଣପୁରସ୍ଥ ମାତୃସଦନରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ମହାନଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଜୟନ୍ତି ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଦିବସ ବ୍ୟାପି କାର୍ଯ୍ୟକ୍ରମରେ ପୂର୍ବାହ୍ନରେ ଆଧାତ୍ମିକ ପତାକା ଉତ୍ତୋଳନ କରାଯିବା ପରେ ଶ୍ରୀଅରବିନ୍ଦଙ୍କ ସମାଧିରେ ଧୁପ ଫୁଲ ପ୍ରଦାନ ପରେ ସମବେତ ଧ୍ୟାନ ଅନୁଷ୍ଠିତ ହୋଇଥିଲା। ଏହାପରେ 'ଶ୍ରୀ ଅରବିନ୍ଦଙ୍କ ସମାଧି ଓ ତାର ଦିବ୍ୟତ୍ୱ' ଉପରେ ଆଧାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାପରେ ସମୂହ ପ୍ରସାଦ ସେବନ କରାଯାଇଥିଲା। ଅପରାହ୍ନରେ ଆଧାତ୍ମିକ ପତାକା ଅବତରଣ କରାଯାଇଥିଲା। ଏହି ପବିତ୍ର ଉତ୍ସବରେ ଯାଜପୁର ତଥା ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଓ ମାତୃପ୍ରେମୀ ଯୋଗଦେଇଥିଲେ।

## ଇଞ୍ଚା ସମେତ ବିଭିନ୍ନ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାରର ବିଭିନ୍ନ ସ୍ଥାନରେ ୮୦ ତମ ସ୍ୱାଧୀନତା ଦିବସ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ପୌରପାଳିକା ପକ୍ଷରୁ ସ୍ଥାନୀୟ ମ୍ୟୁନିସିପାଲିଟି ସରକାରୀ ହାଇସ୍କୁଲ ପଡ଼ିଆରେ ଆୟୋଜିତ ପତାକା ଉତ୍ତୋଳନ ଉତ୍ସବ ଓ ମିଳିତ ପରେଡ୍‌ରେ ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ଅଞ୍ଚଳର ବିଦ୍ୟାଳୟ ମାନଙ୍କର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ପାରିଷଦ ବୃନ୍ଦ, ପୌର କର୍ମଚାରୀ ବୃନ୍ଦ ତଥା ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ପରେଡ୍‌ରେ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟ ଗୁଡ଼ିକୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ଏହି ଅବସରରେ ମାଟ୍ରିକ୍ ଟପ୍ପର ଛାତ୍ରୀ ଚୌଦ୍ୱାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୌଜନ୍ୟା ଖୁଣ୍ଟିଆଙ୍କୁ ନିମାଇଁ ଚରଣ ଦାସ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଥିଲା। ପ୍ରଭାତରେ ଚୌଦ୍ୱାର ସହରରେ ପ୍ରତିଷ୍ଠିତ ବିଭିନ୍ନ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଚୌଦ୍ୱାର ପୌର କାର୍ଯ୍ୟାଳୟରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ଶିଶୁ ସଦନ ଓ ଜନସେବକ ହସ୍‌ପିଟାଲ୍‌ରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ପତାକା ଉତ୍ତୋଳନ କରିଥିଲେ। ଇଞ୍ଚାରେ ଉପସଭାପତି ବିନୟ ଅଗ୍ରୱାଲ, ଚୌଦ୍ୱାର ମହାବିଦ୍ୟାଳୟରେ ଅଧକ୍ଷ ଡ. ହରପ୍ରିୟା ମହାପାତ୍ର, ଚୌଦ୍ୱାର ପ୍ରେସ୍ କ୍ଲବ୍‌ରେ ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ହିଙ୍ଗୁଳାଇ ରୋଡ଼ ସ୍ଥିତ ଜାଭିଅର୍ସ ହାଇସ୍କୁଲରେ ଶକ୍ତି ପ୍ରସାଦ ମହାନ୍ତି, ଚୌଦ୍ୱାର ଥାନାରେ ଆଇଆଇସି ରଜନୀକାନ୍ତ ଦାସ, ଓଟିଏମ୍ ପରିବାର ଯୁବକ ସଂଘରେ ହରିହର ପରିଡ଼ା, ଆମ୍ବିସନ୍ କ୍ଲବ୍‌ରେ ଅମିତ କୁମାର ବେଉରା, ଓଟିଏମ୍ ବଞ୍ଚାଅ ସଂଗଠନ ପ୍ରାଙ୍ଗଣରେ ବିରାଟ ଜନକଲ୍ୟାଣ ସମିତି ସଭାପତି ଦୀପକ କୁମାର ବାରିକ୍ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଚୌଦ୍ୱାର ପ୍ରେସ୍ କ୍ଲବ ପକ୍ଷରୁ ମଧ୍ୟ ସ୍ୱାଧୀନତା ଦିବସ ଉତ୍ସବ ପାଳିତ ହୋଇଯାଇଛି।

## ଏସ୍‌ସିବିରେ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡ଼ିକାଲ୍ କଲେଜ୍‌କୁ ଏଆଇଆଇଏମ୍ଏସ୍-ପ୍ଲସ୍ ସ୍ତରର ଅନୁଷ୍ଠାନରେ ରୂପାନ୍ତରିତ କରାଯିବା ପରେ ଏହାର ପ୍ରତିଷ୍ଠାତା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ଗୌରବମୟ ଉତ୍ତରାଧିକାରକୁ ସମ୍ମାନ ଜଣାଇବା ପାଇଁ ଦାବି ଉଠିଛି। ଡାକ୍ତର ପ୍ରିୟବ୍ରତ ମାଝୀ ଏକ ଟ୍ୱିଟର ପୋଷ୍ଟରେ ଲେଖିଛନ୍ତି ଯେ ଏସ୍‌ସିବି ମେଡ଼ିକାଲ କଲେଜର ବିସ୍ତାର ଓ ରୂପାନ୍ତର ପରେ ଅନୁଷ୍ଠାନର ମୁଖ୍ୟ ପ୍ରବେଶ ଦ୍ୱାରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ଏକ ବିଶାଳ (ପୂର୍ଣ୍ଣାବୟ) ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ଉଚିତ। ଏହା ତାଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣୀୟ କରିବା ପାଇଁ ଏକ ସ୍ଥାୟୀ ଶ୍ରଦ୍ଧାଞ୍ଜଳି ହେବ। ଡାକ୍ତର ମାଝୀ କହିଛନ୍ତି, 'ତାଙ୍କର ଦୃଷ୍ଟିଭଙ୍ଗୀ, ଉଦାରତା ଓ ଚିକିତ୍ସା ଶିକ୍ଷା ପ୍ରତି ପ୍ରତିବଦ୍ଧତା ପିଢ଼ି ପିଢ଼ି ଧରି ସ୍ମରଣୀୟ ରହିବା ଉଚିତ। ଏହି ପ୍ରତିମୂର୍ତ୍ତି କୃତଜ୍ଞତାର ପ୍ରତୀକ ହେବ ଏବଂ ମୟୂରଭଞ୍ଜର ଏହି ମହାନ ସନ୍ତାନଙ୍କ ଉତ୍ତରାଧିକାରକୁ ସଂରକ୍ଷିତ କରିବ, ଯିଏ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ।' ସେ ଆହୁରି କହିଛନ୍ତି ଯେ ଏକ ମହାନ ଅନୁଷ୍ଠାନ ନିଜ ନାମ ପଛରେ ଥିବା ମହାନ ଉତ୍ତରାଧିକାରକୁ ସମ୍ମାନ ଜଣାଇବା ଉଚିତ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ମୟୂରଭଞ୍ଜର ଶାସକ ଥିଲେ ଏବଂ ସେ ଚିକିତ୍ସା ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଶେଷ ଅବଦାନ ରଖିଥିଲେ। ତାଙ୍କ ନାମରେ ନାମିତ ଏସ୍‌ସିବି ମେଡ଼ିକାଲ୍ କଲେଜ ଓଡ଼ିଶାର ଏକ ପ୍ରମୁଖ ଚିକିତ୍ସା ଅନୁଷ୍ଠାନ।

## ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାମଚନ୍ଦ୍ର ଶତପଥୀଙ୍କ 'ମୋ ବନ୍ଦୀ ଜୀବନ' ପୁସ୍ତକ ଲୋକାର୍ପିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥର ପଞ୍ଚାୟତ କାର୍ଯ୍ୟାଳୟ ୮୦ ତମ ସ୍ୱାଧିନତା ଦିବସ ଅବସରରେ ଠାରେ ମୋ ବନ୍ଦୀ ଜୀବନ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ କବି ତଥା ଲେଖକ ସ୍ୱର୍ଗତ ରାମଚନ୍ଦ୍ର ଶତପଥୀଙ୍କ ଦ୍ୱାରା ରଚିତ ଏହି ପୁସ୍ତକ ମୋ ବନ୍ଦୀଜୀବନ ଲୋକାର୍ପିତ ହୋଇଛି। ଏହି ଉତ୍ସବରେ କଳା ପଥର ସରପଞ୍ଚ ସୂର୍ଯ୍ୟକାନ୍ତି ମେହେର ମୁଖ୍ୟ ଅତିଥି ଅତିଥି ଭାବରେ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଐତିହାସିକ ତଥା ସୁବର୍ଣ୍ଣପୁର ଜିଲ୍ଲା ଉଚ୍ଚ ଶିକ୍ଷା ପରାମର୍ଶ ଦାତା ଡ. ପ୍ରଫୁଲ୍ଲ ରଥ ସ୍ୱର୍ଗତ ରାମଚନ୍ଦ୍ର ଶତପଥୀ ପ୍ରଜା ଆନ୍ଦୋଳନରେ ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ। ଏହା ସହିତ ତାଙ୍କୁ ତତ୍‌କାଳୀନ ସୋନପୁର ରାଷ୍ଟ୍ର ଦୁଇ ବର୍ଷରୁ ଅଧିକ କାଳ ବନ୍ଦିକରି ଅକଥନୀୟ ଅତ୍ୟାଚାର କରିଥିଲେ। କିନ୍ତୁ ଏଥିରେ ସେ ଦବିନଯାଇ ଜେଲ୍‌ରୁ ବାହାରିବା ପରେ ତାଙ୍କ




ଭାଇ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଲକ୍ଷ୍ମଣ ମିଶ୍ର ଓ ମୋହନ ମିଶ୍ରଙ୍କ ସହିତ ସାମିଲ୍ ହୋଇ ଆହୁରି ଦୁର୍ବାର ଆନ୍ଦୋଳନ କରିଥିଲେ। ମୋ ବନ୍ଦୀଜୀବନ ପୁସ୍ତକରେ ତାଙ୍କ ବନ୍ଦୀ ଜୀବନ ଉପରେ ବିସ୍ତୃତ ଭାବରେ ଲେଖିଛନ୍ତି। ଏଣୁ ଏ ପୁସ୍ତକ ସମସ୍ତେ ପଢ଼ିବା କଥା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ହାୟର ସେକେଣ୍ଡେରୀର ଅଧକ୍ଷା ଡ. ସରସ୍ୱତୀ ଦାସ, ଦଧିବାମନ ତ୍ରିପାଠୀ, ହାଇସ୍କୁଲର ପ୍ରଧାନଶିକ୍ଷକ ଲାଲବାବୁ ସେଠୀ ଯୋଗଦେଇ ମଞ୍ଚାସିନ ହୋଇ ମୋ ବନ୍ଦୀ ଜୀବନ ପୁସ୍ତକ ଉପରେ ଆଲୋଚନ କହିଥିଲେ। ଏହି ଅବସରରେ ମୋ ବନ୍ଦୀ ଜୀବନ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲ। ପ୍ରଦୀପ ପୁରୋହିତ ଏବଂ ଅଶ୍ୱିନୀ ଶତପଥୀ ସଭା ସଂଯୋଜନା କରିଥିବା ବେଳେ ପ୍ରଶାନ୍ତ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ହୃଷିକେଶ ରଥ ଧନ୍ୟବାଦ ଦେଇଥିଲେ। ଏହି ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମରେ ସ୍ୱାଧିନତା ସଂଗ୍ରାମୀଙ୍କ ପରିବାର ସହିତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ୍ ହୋଇଥିଲେ।

### ଅପହଞ୍ଚ ଇଲାକା 'ନଗଡ଼ା'ରେ ଉଡ଼ିଲା ତ୍ରିରଙ୍ଗା

# 'ସାଧାରଣ ଜନତା ଓ ଜନପ୍ରତିନିଧି ନିଷ୍ପାପର ହେଲେ ସ୍ୱାଧୀନତାର ସ୍ୱପ୍ନ ସାକାର ହେବ'

**ଯାଜପୁର, ନ୍ୟୁଜ୍**

ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକର ଅପହଞ୍ଚ ଅବହେଳିତ ଗ୍ରାମ ନଗଡା ଦିବେ ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରସଙ୍ଗ ହୋଇଥିଲା। ପାହାଡର ପ୍ରାୟ ଦୁଇ ହଜାର ଫୁଟ୍ ଉପରେ ଥିବା ଏହି ନଗଡାରେ ଲୋକେ ସ୍ୱାଧୀନତା ଦିବସ କଣ ଜାଣିନଥିବା ବେଳେ ଏଠାରେ ବାଦଲ ଓ ପାହାଡ ଏକାକାର ହେଉଥିବା ଏହି ଅପହଞ୍ଚ ଇଲାକାରେ ସ୍ୱାଧୀନତା ଦିବସ ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ଏହି ପଛୁଆ ଲୋକମାନଙ୍କୁ ସ୍ୱାଧୀନତା ଦିବସର ତାତ୍ପର୍ଯ୍ୟ ଓ ସ୍ୱାଧୀନତାର ଅର୍ଥ ବୁଝାଇବାକୁ ଉଦ୍ୟମ କରାଯିବା ଘଟଣା ସାଧାରଣରେ ଆଲୋଚ୍ୟ ବିଷୟ ହୋଇଛି। ଏଥିରେ ସାଧାରଣ ଜନତା ଓ ଜନପ୍ରତିନିଧି ନିଷ୍ପାପର ହେଲେ ସ୍ୱାଧୀନତାର ସ୍ୱପ୍ନ ସାକାର ହେବ ବୋଲି ମତ ପ୍ରକାଶ ପାଇଛି। ରାଜ୍ୟର ବିଶିଷ୍ଟ କବି ଶୈଳଜା ରବି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମିଶନ ଜ୍ୟୋତି ଟ୍ରଷ୍ଟ ତରଫରୁ ଅନୁଷ୍ଠିତ ହୋଇଥିବା ସ୍ୱାଧୀନତା ଦିବସରେ ବରିଷ୍ଠ ସମାଜସେବୀ ସତୀଶ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ସାଧାରଣ ଜନତା ନିଷ୍ପାପର ଏବଂ ସଚ୍ଚୋଟ ହେଲେ ଆପେ ଆପେ ଭଲ ଲୋକ ଜନପ୍ରତିନିଧି ହେବାର ସୁଯୋଗ ପାଇବେ। ସଚ୍ଚୋଟ ଲୋକ ଜନପ୍ରତିନିଧି ହେଲେ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଶାସନ ବାଧ୍ୟ ହେବେ। ଲୋକେ ପ୍ରତିଟି କ୍ଷେତ୍ରରେ ପୋଲିସ ଏବଂ ପ୍ରଶାସନ ଠାରୁ ନ୍ୟାୟ ପାଇବେ। ଏହାଦ୍ୱାରା ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଜୟ ରାଜଗୁରୁଙ୍କ ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମୀମାନେ ସ୍ୱାଧୀନ ଭାରତ ନେଇ ଦେଖିଥିବା ସ୍ୱପ୍ନର ସଫଳ



ରୂପାୟନ ହେବ। ସ୍ୱାଧୀନତାର ୭୯ ବର୍ଷ ପରେବି ଏହି କାରଣରୁ ସ୍ୱାଧୀନତାର ଲକ୍ଷ ପୂରଣ ହୋଇପାରିନାହିଁ ଏବଂ ଦେଶର ଆଶାନୁରୁପ ବିକାଶ ହୋଇପାରୁନାହିଁ। ଗାନ୍ଧିଜୀଙ୍କ ମୂଳଲକ୍ଷ ପଛରେ ପଡିଥିବା ମଣିଷ ନିକଟରେ ସରକାର ଓ ପ୍ରଶାସନ ପହଞ୍ଚି ପାରୁନାହିଁ। ଏଥିରେ ସାମ୍ବାଦିକ ରବିନାରାୟଣ କର, କବି ଡ.ଚନ୍ଦ୍ରକଳା ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟରତ ପ୍ରତିଟି ବ୍ୟକ୍ତି ଦେଶର ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ହୁଅନ୍ତୁ। ଏହାସହ ମିଶନ୍ ଜ୍ୟୋତିଟ୍ରଷ୍ଟ ପରି ବାସ୍ତବରେ ପଛରେ ପଡିଥିବା ମଣିଷମାନଙ୍କ ପାଇଁ ଆନ୍ତରିକତାର ସହ ସମାଜସେବା ଅନୁଷ୍ଠାନମାନେ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ଟ୍ରଷ୍ଟର ଅଧକ୍ଷା ରଶ୍ମୀଲତା ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଲେଖକ ପ୍ରାଣବନ୍ଧୁ ରାଉତ ପରିଚାଳନା କରିଥିଲେ। ସମ୍ପାଦକ ଗୋବିନ୍ଦ ବେହେରା ସ୍ୱାଗତ ଭାଷଣ ଏବଂ କୋଷାଧକ୍ଷ ରାଜୀବ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଦେଶାତ୍ମବୋଧ ସଙ୍ଗୀତ, ସାଧାରଣଜ୍ଞାନ ପ୍ରତିଯୋଗୀତା କରାଯାଇ ସଫଳ ଛାତ୍ରଛାତ୍ରୀମାନଙ୍କୁ ପରସ୍କୃତ କରାଯାଇଥିଲା। ପାହାଡ ଉପରେ ବଡ ଧରଣର ଟେଣ୍ଟ ମରାଯାଇ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ବହୁ ସଂଖ୍ୟାରେ ଲୋକମାନେ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ। ମେଘନାଦ ଜେନା, ସୁବ୍ରତ ବାରିକ, ଗୀତାଞ୍ଜଳୀ ପାତ୍ର ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ସାଇବର ଅପରାଧ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ




**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ସତଲମା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ 'ସାଇବର ସେଫ୍ଟି କ୍ୟାମ୍ପେନ ଓଡ଼ିଶା-୨୦୨୬ ଅନ୍ତର୍ଗତ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅତିଥିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବରପାଲି ଥାନାର ଆଇଆଇସି ପ୍ରମୋଦ କୁମାର ସାହୁ ଯୋଗଦେଇ ଛାତ୍ରୀମାନଙ୍କୁ ସାଇବର ଅପରାଧ ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରିଥିଲେ। ବର୍ତ୍ତମାନର ଡିଜିଟାଲ୍ ଯୁଗରେ ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଓ ସୋସିଆଲ୍ ମିଡିଆର ବ୍ୟବହାର ବଢ଼ିଥିବାରୁ ଏହାର ସୁରକ୍ଷିତ ଓ ସତର୍କ ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅଜଣା ବ୍ୟକ୍ତିଙ୍କ ଫୋନ୍ କଲ୍, ସନ୍ଦେହଜନକ ମେସେଜ୍, ଲିଙ୍କ୍ କିମ୍ବା ଅନ୍‌ଲାଇନ୍ ଲୋଭନୀୟ ପ୍ରସ୍ତାବରେ ପ୍ରଲୋଭିତ ନହେବା ସହିତ ବ୍ୟକ୍ତିଗତ ତଥ୍ୟ, ପାସ୍‌ୱାର୍ଡ ଓ ଓଟିପି ଆଦି କାହା ସହିତ ଅନାବଶ୍ୟକ ଭାବେ ଅଂଶୀଦାର ନକରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ଅନ୍‌ଲାଇନ୍ ଠକେଇ, ନକଲି ସୋସିଆଲ୍ ମିଡିଆ ଆକାଉଣ୍ଟ, ଫିସିଂ ଲିଙ୍କ୍, ଡିଜିଟାଲ୍ ପେମେଣ୍ଟ ସମ୍ପର୍କିତ ଠକେଇ ଓ ସାଇବର ବୁଲିଂ ଭଳି ଘଟଣାରୁ କିପରି ନିଜକୁ ସୁରକ୍ଷିତ ରଖିହେବ, ସେନେଇ ମଧ୍ୟ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। କୌଣସି ସାଇବର ଠକେଇର ଶିକାର ହେଲେ ଭୟଭୀତ ନହୋଇ ତୁରନ୍ତ ଅଭିଭାବକ, ଶିକ୍ଷକ କିମ୍ବା ପୋଲିସର ସହାୟତା ନେବାକୁ ଆଇଆଇସି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରତିନିଧି ରାଘବ ନାଏକ ଓ ବାଳିକା ଉଚ୍ଚ ବିଦ୍ୟାଳୟର ବିଧାୟକ ପ୍ରତିନିଧି ସୁବୋଧ କୁମାର ସାହୁ ଯୋଗଦେଇ ସାଇବର ସୁରକ୍ଷାର ଗୁରୁତ୍ୱ ଉପରେ ନିଜ ମତ ରଖିଥିଲେ। ଛାତ୍ରୀମାନେ ସାଇବର ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ରଖିଥିବାବେଳେ ଅତିଥିମାନେ ସେଗୁଡ଼ିକର ଉତ୍ତର ଦେଇଥିଲେ। ଏହି ଅବସରରେ ମୋହନଚାନ୍ଦ ପଧାନ, ଅରୁନ୍ଧତୀ ପଣ୍ଡା ଓ ଭାଗୀରଥୀ ପଧାନଙ୍କ ସମେତ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୁବାସନ ସାହୁ, ଶ୍ରୀକାନ୍ତ ସାହୁ, ଅଲେଖ ମହାକୁର ଓ ଦୁର୍ଯୋଧନ ପଧାନ ପ୍ରମୁଖ ସହଯୋଗ କରିଥିଲେ। ସାଇବର ଅପରାଧ ଦିନକୁ ଦିନ ନୂଆ ରୂପ ନେଉଥିବା ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡିଜିଟାଲ୍ ସୁରକ୍ଷା ସମ୍ପର୍କିତ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଅଗଷ୍ଟ ୨୦୨୬ ବୁଧବାର





# 'ଓଡ଼ିଶା ହେବ ଦେଶର ସ୍କିଲିଂ ହବ୍'

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡିଶା ଦ୍ରୁତ ଗତିରେ ଦେଶର ଏକ ପ୍ରମୁଖ ଦକ୍ଷତା ବିକାଶ କେନ୍ଦ୍ର ଭାବେ ଉଭା ହେଉଛି । କୋଲକାତାରେ ଆୟୋଜିତ ଆଞ୍ଚଳିକ କୌଶଳ ମନ୍ତ୍ରୀ ସମ୍ମିଳନୀ କୌଶଳ ମନ୍ଥନରେ ଯୋଗଦେଇ ଏହା କହିଛନ୍ତି ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କେନ୍ଦ୍ର କୌଶଳ ବିକାଶ ଓ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସ୍କିଲ ଇକୋସିଷ୍ଟମରେ ଉନ୍ନତି ଆଣିବା ଉପରେ ଆଲୋଚନା କରିଛନ୍ତି । ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଓଡିଶା ସମ୍ପୂର୍ଣ୍ଣ ଭାବେ ପ୍ରତିବଦ୍ଧ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟସରକାର ଆଇଟିଆଇଗୁଡିକର ଆଧୁନିକରଣ, ୱାର୍ଲ୍ଡ ସ୍କିଲ ସେଣ୍ଟରର ସମ୍ପ୍ରସାରଣ, ଭବିଷ୍ୟତର ଜ୍ଞାନକୌଶଳକୁ ନେଇ ଶିଳ୍ପଭିତ୍ତିକ ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା ଏବଂଅନ୍ତର୍ଜାତୀୟ ସ୍ତରରେ ନିଯୁକ୍ତି ପାଇଁ ପଥ ସୁଗମ କରି ସ୍କିଲିଂ ଇକୋସିଷ୍ଟମରେ ବ୍ୟାପକ ପରିବର୍ତ୍ତନ ଆଣୁଛନ୍ତି । ବର୍ତ୍ତମାନ ସମୟରେ ଦକ୍ଷତା ବିକାଶ ହେଉଛି ନୂତନ ମୁଦ୍ରା । ତେଣୁ ଆମ ଯୁବବର୍ଗଙ୍କୁ ଭବିଷ୍ୟତ ଉପଯୋଗୀ କୌଶଳରେ ସଶକ୍ତ କରିବା ରାଜ୍ୟସରକାରଙ୍କ ସର୍ବୋଚ୍ଚ ପ୍ରଥମିକତା ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ସମ୍ମିଳନୀରେ ପିଏମ୍ ସେତୁ, ଆଇଟିଆଇଗୁଡିକର ସୁଦୃଢ଼ୀକରଣ ଶିଳ୍ପ ସଂଯୋଗକୁ ଅଧିକ ଦୃଢ଼ୀଭୂତ କରିବା ଓ ଭାରତର ଯୁବବର୍ଗଙ୍କୁ ଭବିଷ୍ୟତର କାର୍ଯ୍ୟକ୍ଷେତ୍ର ପାଇଁ ପ୍ରସ୍ତୁତ କରିବା ନେଇ ଆଲୋଚନା କରାଯାଇଥିଲା । ଦକ୍ଷତା ବିକାଶକୁ ନିଯୁକ୍ତି ସୁଯୋଗରେ ପରିଣତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସାରା ବିଶ୍ୱରେ କାର୍ଯ୍ୟପନ୍ଥା ଦିନକୁ ଦିନ ପରିବର୍ତ୍ତନ ହେଉଥିବା ବେଳେ ସୁଦୃଢ଼ ସହଭାଗିତା ଆଗାମୀ କାଲିପାଇଁ ଶ୍ରେଷ୍ଠ କୌଶଳ, ଉତ୍ତମ ସୁଯୋଗ ଓ ଭବିଷ୍ୟତ-ଉପଯୋଗୀ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିପାରିବ । ସମ୍ମିଳନୀରେ ଓଡିଶା ସମେତ ପଶ୍ଚିମବଙ୍ଗ, ଛତିଶଗଡ, ମଧ୍ୟପ୍ରଦେଶ ଓ ଗୁଜୁରାଟର ଦକ୍ଷତା ବିକାଶ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

# ଲଗାଣ ବର୍ଷାରେ ସର୍ବତ୍ର ଜଳମଗ୍ନ:କେନ୍ଦୁଝରରେ ଜୀବନଯାତ୍ରା ବ୍ୟାହତ

**କେନ୍ଦୁଝର, ନ୍ୟୁଜ୍**



ଲଗାଣ ବର୍ଷା ଲାଗି ରହିବା କାରଣରୁ କେନ୍ଦୁଝର ଜିଲ୍ଲା ବାସି ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇ ବ୍ୟତୀବ୍ୟସ୍ତ ହୋଇପଡ଼ିଛନ୍ତି । ମିଳିଥିବା ସୂଚନାରୁ ଜଣାପଡିଛି ଯେ, ଲଗାଣ ବର୍ଷା ଲାଗିରହିବା କାରଣରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିବାରୁ ଲୋକମାନେ ଘରୁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଥିବାର ଦେଖାଯାଇଛି । ବର୍ତ୍ତମାନ ୧୭ ତାରିଖ ସୁଧା କେନ୍ଦୁଝର ଜିଲ୍ଲାରେ ୫୯୬.୯ ମି ମି ବର୍ଷା ହୋଇ ଜିଲ୍ଲା ବାସୀଙ୍କ ଅବସ୍ଥାକୁ ବେହାଲ କରିଦେଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନାରୁ ପ୍ରକାଶ ଗତ ୧୬ ତାରିଖରେ ଜିଲ୍ଲାରେ ୪୦.୨ ମିମି ବର୍ଷା ହୋଇଥିବା ବେଳେ ୧୭ ତାରିଖରେ କେନ୍ଦୁଝର ସଦର ବ୍ଲକରେ ୨୨.୨ ମିମି, ବାଂଶପାଳ ବ୍ଲକରେ ୧୨.୨ ମିମି, ତେଲକୋଇ ବ୍ଲକରେ ୨୧.୨ ମିମି, ପାଟଣା ବ୍ଲକରେ ସର୍ବାଧିକ ୧୦୮ ମିମି, ସାହାରପଡା ବ୍ଲକରେ ୬୮.୨ ମିମି, ଘଟଗାଁ ବ୍ଲକରେ ୩୭.୪ ମିମି, ହରିଚନ୍ଦନପୁର ବ୍ଲକରେ ୩୪.୮ ମିମି, ଆନନ୍ଦପୁର ବ୍ଲକରେ ୩୭.୪ ମିମି., ଘସିପୁରା ବ୍ଲକରେ ୫୬.୪ ମିମି, ହାଟଡ଼ିହି ବ୍ଲକରେ ୭୯.୬ ମିମି, ଚମ୍ପୁଆ ବ୍ଲକରେ ୯୭.୧ ମିମି, ଯୋଡ଼ା ବ୍ଲକରେ ୧.୨ ମିମି, ଝୁମ୍ପୁରା ବ୍ଲକରେ ୧୧.୨ ମିମି ଏହିଭଳି ମୋଟ୍ ୫୯୬.୯ ମିମି ବର୍ଷା ହୋଇଥିବାର ଜଣାପଡିଛି । ସେହିଭଳି ବୈତରଣୀ ନଦୀର ବିପଦଜନକ ସ୍ତର ୩୮.୩୬୦ ମିଟର ଥିବାବେଳେ ୧୭ ତାରିଖ ସୁଧା ଜଳସ୍ତର ୩୮.୧୦୦ ମିଟରରେ ପହଞ୍ଚିଥିବାର ଜଣାପଡିଛି ।

# ଫେରାର୍ ଅପରାଧୀଙ୍କୁ ଗୋଡ଼ାଇ ଗୋଡ଼ାଇ ଧର:ଏସ୍‌ପି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପୋଲିସ ଜିଲ୍ଲାରେ ଅପରାଧ ସମୀକ୍ଷା କରିଛନ୍ତି ଏସ୍‌ପି ଡା. ଶର୍ବଣା ବିବେକ୍ ଏମ୍ । ଅପରାଧ ଓ ଅପରାଧୀଙ୍କୁ କୌଣସି ପ୍ରକାର ବରଦାସ୍ତ କରାଯିବନାହିଁ । ଜିଲ୍ଲାରେ ଅପରାଧ ଘଟାଇ ଯେଉଁମାନେ ଫେରାର୍ ଅଛନ୍ତି ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବାକୁ ସମସ୍ତ ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏସ୍‌ପି । ବହୁ ପୁରୁଣା ମାମଲାରେ ମଧ୍ୟ ଅପରାଧୀ ଫେରାର୍ ଅଛନ୍ତି । ସେମାନଙ୍କ ନାମରେ କୋର୍ଟ ୱାରେଣ୍ଟ୍ ଜାରି କରିଛନ୍ତି । ୱାରେଣ୍ଟ୍ ତାଲିକା ଅନୁସାରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ହାଜର କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଥିବା କେସ୍ ପେଣ୍ଡିଂ ଜିରୋ କରିବାକୁ କହିଛନ୍ତି ଏସ୍‌ପି । ଅନ୍ୟପକ୍ଷରେ ପୋଲିସ ସେବାକୁ ଲୋକଙ୍କ ନିକଟରେ କରିବା ସହ ଲୋକଙ୍କ ସାଙ୍ଗରେ ପୋଲିସ ଅଧିକାରୀମାନେ ବନ୍ଧୁ ଭଳି ଆଚରଣ ଓ କାମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ପାସପୋର୍ଟ ଯାଞ୍ଚ, ଏନ୍‌ଓସି ଏବଂ ଅନ୍ୟାନ୍ୟ ପ୍ରମାଣପତ୍ର ପାଇଁ ଯେଉଁ ଆବେଦନ ଆସୁଛି ଶୀଘ୍ର ଯାଞ୍ଚ ପ୍ରକ୍ରିୟା ସାରି ପ୍ରମାଣପତ୍ର ପ୍ରଦାନ କରିବାକୁ ବୈଠକରେ କୁହାଯାଇଛି । ଅନ୍ୟପକ୍ଷରେ କିଛି କେସ୍ ସିସିଟିଏନ୍‌ଏସ୍‌ରେ ଅପଲୋଡ୍ କରିବାରେ ବିଳମ୍ବ ହେଉଛି । ତାହା ଶୀଘ୍ର ସାରିବାକୁ କହିବା ସହ ସିସିଟିଏନ୍‌ଏସ୍‌ରେ ଭଲ ପ୍ରଦର୍ଶନ ପାଇଁ ସେ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଆସୁଛି ନୂଆଖାଇ:ପାଟଣେଶ୍ୱରୀ ମନ୍ଦିର ଗମ୍ଭିରା ଘର ମରାମତି କେବେ ?



**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ପାଟଣା ରାଜ୍ୟର ଅଧିଷ୍ଠାତ୍ରୀ ମାଁ ପାଟଣେଶ୍ୱରୀ ଦେବୀଙ୍କ ମନ୍ଦିର ଦୀର୍ଘ ଦିନ ଗମ୍ଭିରାଘର ମରାମତି ନେଇ ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ଦେବୋତ୍ତର ବିଭାଗ ଜିଲ୍ଲାପ୍ରଶାସନ ବିଭିନ୍ନ ବୈଠକ କରି ଦୃଷ୍ଟି ଆକର୍ଷଣ କରିଛି ତଥାପି ସମାଧାନର ରାସ୍ତା ଫିଟିନି । ଆଉ କିଛି ଦିନ ଗଲେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ । ଗଡର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ଦେବୀଙ୍କ ପରଭା ଭଗ୍ନ ଅବସ୍ଥାରେ ଥିବାରୁ ଏ ନେଇ ଏଣ୍ଡୋମେଣ୍ଟ କମିଶନର ଗତ ୧୫ ଦିନ ତଳେ ରିପୋର୍ଟ ପ୍ରଦାନ କରିଛନ୍ତି । ଆଉ କିଛି ଦିନ ପରେ ନୂଆଖାଇ ପାଇଁ ମନ୍ଦିରମାନଙ୍କ ପାଇଁ ସଜ୍ଜାସଜ୍ଜି ହେଉଥିବା ବେଳେ ନୂଆ ଧାନ ଓ ବିଭିନ୍ନ ସାମଗ୍ରୀ ମାଁଙ୍କୁ ଅର୍ପଣ କରାଯାଏ । ମନ୍ଦିରର ଭଗ୍ନ ହୋଇଥିବା ପରଭା ମରାମତି ନହୋଇଥିବାରୁ ମାଁଙ୍କ ନୀତିନିର୍ଘଣ୍ଟରେ ବାଧା ସାଜୁଛି । ଏନେଇ ଗତ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ପୂର୍ତ୍ତ ବିଭାଗକୁ ପତ୍ର ସଂଖ୍ୟା ୧୨୪୬ /୨୦୨୬ ପୂର୍ତ୍ତ ବିଭାଗ ପାଇଁ ଡିପିଆର୍ ପ୍ରସ୍ତୁତି ପାଇଁ ଏକ ପତ୍ର ଲେଖିଥିଲେ । ଏଯାଏଁ ପୂର୍ତ୍ତ ବିଭାଗର କୌଣସି କର୍ମକର୍ତ୍ତା ଆସିଲେନି । ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଏନେଇ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ମାଁ ପାଟଣେଶ୍ୱର ମନ୍ଦିର ଗମ୍ଭିରା ଘର ମରାମତି ନିମନ୍ତେ ପତ୍ର ସଂଖ୍ୟା ୨୬୨/୦୯.୦୭.୨୦୨୬ ରେ କମିଟି ଦାବି ପ୍ରଦାନ କରାଯାଇଥିଲା । ଏନେଇ କିଛି କାର୍ଯ୍ୟକାରୀ ନହେବାରୁ ଆଗକୁ ନୂଆଖାଇ ଓ ଦଶହରା ପର୍ବ ଗଡର ଇଷ୍ଟଦେବୀ ବିପଦମୁଖରେ । କମିଟିର ଅନୁରୋଧକ୍ରମେ ପୂର୍ବତନ ରାଜ୍ୟସଭା ସାଂସଦ ଅନଙ୍ଗ ଉଦୟ ସିଂଦେଓ ମନ୍ଦିର ପରିଦର୍ଶନ କରିଥିଲେ ଓ କମିଟି ସହ ବିଭିନ୍ନ ବିଷୟ ଆଲୋଚନା କରି ତୁରନ୍ତ କିଭଳି ମରାମତି ହେବ ଓ କାର୍ଯ୍ୟକାରି ହେବ ବୋଲି ସେ କମିଟି ସହ ଆଲୋଚନା କରିଥିଲେ । ବଲାଙ୍ଗିର ବିଧାୟକଙ୍କ ସହ ଆଲୋଚନା କରି ତୁରନ୍ତ କିଭଳି ମନ୍ଦିର କାର୍ଯ୍ୟ ହେବ ବୋଲି ସେ କହିଛନ୍ତି । ଦେବାଳୟର ଐତିହ୍ୟ ସୁରକ୍ଷା କମିଟିର ସମ୍ପାଦକ ପ୍ରଶାନ୍ତ ମହାକୁର, କୋଷାଧ୍ୟକ୍ଷ ଭବାନି ଶଙ୍କର ଭୋଇ, ମନ୍ଦିର ପୂଜକ ମଳୟ ଦିଶ୍ରୀ, ଯୁବନେତା ବୁଲୁ ବେହେରା ସମେତ କମିଟିର ସଦସ୍ୟ ଉପସ୍ଥିତ ଥିଲେ ।

# ଗଞ୍ଜେଇ ଜବତ:୪ ବେପାରୀ ଗିରଫ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ରାଇଘର ଥାନା ଅଧୀନରେ ଥିବା ଯୋଡ଼େଙ୍ଗାରୁ ବରଗାଁ ଯିବା ରାସ୍ତାରେ ଥିବା ହୀରାପରା ଠାରେ ଚାଲିଥିଲା ଗଞ୍ଜେଇ ବେପାରର ମୂଳଚାଲ । ଏହି ସମୟରେ ବିଶେଷ ସୂତ୍ରରୁ ଖବରପାଇ ରାଇଘର ଥାନା ଅଧିକାରୀ ଟିକେଚାନ୍ଦ ବାହାବଲ ଖଟୁଆ ଆଠ ଜଣିଆ ଟିମ୍ ଧରି ପହଞ୍ଚିଥିଲେ ଘଟଣାସ୍ଥଳରେ । ଏକ ନିରୋଳା ଜାଗାରେ ଏହା ଚାଲିଥିବା ବେଳେ ଚାରିଜଣ ବେପାରୀଙ୍କୁ ଧରିବାରେ ସଫଳ ହୋଇଥିଲା ରାଇଘର ପୋଲିସ । ଜଣେ ରାଇଘର ଅଞ୍ଚଳର ପୋଖନାପାରା ଗ୍ରାମର ଗିରିଧାରୀ ଗଣ୍ଡ ହୋଇଥିବାବେଳେ ଅନ୍ୟ ତିନିଜଣ ରାଜୁ ଚାଲାନ, ଅର୍ଜୁନ ପାଙ୍ଗି, ରାଜେନ୍ଦ୍ର ମାରି ମାଲକାନଗିରିର ବୋଲି ପୋଲିସ ପ୍ରକାଶ କରିଛି । ଏମାନଙ୍କ ପାଖରୁ ଦୁଇଟି ବାଇକ୍, ଚାରିଟି ମୋବାଇଲ, ଅଠର ହଜାର ଛଅ ଶହ ଟଙ୍କା ସହ ବାଇଶ କିଲୋ ତିନି ଶହ ଦଶ ଗ୍ରାମ୍ ଗଞ୍ଜେଇ ଜବତ ହୋଇଛି । ଏହି ଆଠ ଜଣିଆ ଟିମ୍‌ରେ ଏଏସ୍‌ଆଇ ମନୋରଞ୍ଜନ ମିଶ୍ରଙ୍କ ସହ ଆଠ ଜଣ କର୍ମଚାରୀ ଉପସ୍ଥିତ ଥିଲେ ।





# ୧୧ ଦଫା ଦାବି ନେଇ ଗର୍ଜିଲେ ଅଙ୍ଗନୱାଡି କର୍ମୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ମଜଦୁର ସଂଘ ବୌଦ୍ଧ ଜିଲ୍ଲା ଶାଖା ପକ୍ଷରୁ ଶ୍ରମିକ ମାନଙ୍କ ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଭାରତୀୟ ମଜଦୁର ସଂଘ ବୌଦ୍ଧ ଜିଲ୍ଲା ସମ୍ପାଦକ ଲୋକନାଥ ଶତପଥୀଙ୍କ ନେତୃତ୍ୱରେ ଜିଲ୍ଲାର ଅଙ୍ଗନୱାଡି କର୍ମୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ସ୍ଥାନୀୟ କଚେରୀ ପଡିଆ ଠାରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା । ଇଏସ୍‌ଆଇସି ଦରମାର ସୀମା ବୃଦ୍ଧି, ଇପିଏଫ୍‌ର ନ୍ୟୁନତମ ପେନ୍‌ସନ୍ ୭୫୦୦କୁ ବୃଦ୍ଧି, ଅଙ୍ଗନୱାଡି ଓ ଆଶାକର୍ମୀମାନଙ୍କ ମାନ ବୃଦ୍ଧି, ଚୁକ୍ତି ଭିତ୍ତିକ ଶ୍ରମିକଙ୍କ ପାଇଁ ସମାନ କାମକୁ ସମାନ ଦରମା, ଶ୍ରମ ଆଇନରୁ ଶ୍ରମିକ ବିରୋଧୀ ଧାରାଗୁଡ଼ିକୁ ବିଲୋପ କରିବା, ବ୍ୟାଙ୍କ କର୍ମଚାରୀମାନଙ୍କ ପାଇଁ ସପ୍ତାହକୁ ୫ ଦିନିଆ କାର୍ଯ୍ୟ ଲାଗୁକରିବା, ଗ୍ରାଚ୍ୟୁଇଟି ସୀମାକୁ ୪୦ ଲକ୍ଷକୁ ବୃଦ୍ଧି, ଜାତୀୟ ନ୍ୟୁନତମ ଦରମାକୁ ପ୍ରତିମାସ ୩୦ ହଜାର ଟଙ୍କା ନିର୍ଦ୍ଧାରଣ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ମଜଦୁର ସଂଘ ଜିଲ୍ଲା ଉପ ସଭାପତି ମନୋରଞ୍ଜନ ମିଶ୍ର, ଜିଲ୍ଲା ସଭାପତି ସତ୍ୟବତୀ ସାହୁ, ଅଙ୍ଗନୱାଡି କର୍ମୀ ସଂଘ ଜିଲ୍ଲା ସମ୍ପାଦକ ଶୋଭାଗିନୀ ଭୋଇଙ୍କ ସମେତ ଭାରତୀୟ ମଜଦୁର ସଂଘ ଓ ଅଙ୍ଗନୱାଡି କର୍ମୀ ସଂଘର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ବହୁସଂଖ୍ୟାରେ ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ ।

# ଶ୍ରବଣ ମହାନନ୍ଦିଆ ହତ୍ୟା ମାମଲା:ଅଭିଯୁକ୍ତ ବାପ-ପୁଅ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ମିଳିଥିବା ସୂଚନା ଅନୁଯାୟୀ ୨୦୨୦ ମସିହାରେ ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ମାନେଶ୍ୱର ଗ୍ରାମରେ ଘଟିଥିବା କମଳପୁର ଗ୍ରାମର ଶ୍ରବଣ ଉର୍ମା ହତ୍ୟା ଅଭିଯୋଗ ମାମଲାର ରାୟ ଶୁକ୍ରବାର ଜିଲ୍ଲା ଓ ଦୌରା ଜଜ୍‌ଙ୍କ ଅଦାଲତରେ ପ୍ରକାଶ ପାଇଛି । ମୋଟ୍ ୨୩ ଜଣ ସାକ୍ଷୀ ଓ ପୋଲିସର ଦସ୍ତାବିଜକୁ ବିଚାର କରି ଜିଲ୍ଲା ଓ ଦୌରାଜଜ୍ ପ୍ରତାପ କୁମାର ପାତ୍ର ଅଭିଯୁକ୍ତ ବାପା ଓ ପୁଅକୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ଆଦେଶ ଦେଇଛନ୍ତି । ମୃତ ଶ୍ରବଣଙ୍କ ବାପା କମଳପୁର ଗ୍ରାମର ଗୁରୁ ଉର୍ମା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ପତ୍ନୀ ସହ ଶ୍ରବଣର ପରକିୟା ପ୍ରୀତି ସନ୍ଦେହ କରି ମାନେଶ୍ୱର ଗ୍ରାମର ବିଜୟ ମହାନନ୍ଦିଆ ଓ ତାଙ୍କ ବାପା ନରେନ୍ଦ୍ର ମହାନନ୍ଦିଆ ଗତ ୨୦.୧୦ ୨୦୨୦ ତାରିଖ ରାତିରେ ଶ୍ରବଣକୁ ଠେଙ୍ଗାରେ ପିଟିପିଟି ମାରିଦେବା ପରେ ଆତ୍ମହତ୍ୟା ରୂପ ଦେବାକୁ ମାନେଶ୍ୱର ଗ୍ରାମର ବମର ଗଛରେ ଝୁଲାଇ ଦେଇଥିବା ତହିଁ ପରଦିନ ବାଉଁଶୁଣୀ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତ ରିପୋର୍ଟ ଦେବା ପରେ ମାମଲାଟି ଦୌରାଜଜ୍‌ଙ୍କ କୋର୍ଟରେ ବିଚାର ଚାଲିଥିଲା ଓ ରାୟ ପ୍ରକାଶ ପାଇଛି । ମୁଦ୍ଦାଲା ବିଜୟ ଓ ବାପା ନରେନ୍ଦ୍ରଙ୍କୁ ପ୍ରମାଣ ଅଭାବରୁ କୋର୍ଟ ନିର୍ଦ୍ଦୋଷରେ ଖଲାସ୍ ଆଦେଶ ଦେଇଛନ୍ତି । ମୁଦ୍ଦାଲା ମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ସାହୁ ମାମଲା ପରିଚାଳନା କରୁଥିଲେ ।

# ଅକ୍ଟୋବର ୧ରୁ 'ମଧ୍ୟସ୍ଥତା-୩' ମାଧ୍ୟମରେ ବିଚାରାଧୀନ ମାମଲାର ସମାଧାନ ଅଭିଯାନ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

'ମଧ୍ୟସ୍ଥତା' ମାଧ୍ୟମରେ ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ତାଲୁକ ସ୍ତରର ଅଦାଲତରେ ଥିବା ସମସ୍ତ ବିଚାରାଧୀନ ମାମଲା ଗୁଡିକର ସରଳ ଓ ସହଜ ସମାଧାନ ନିମନ୍ତେ ସମଗ୍ର ଦେଶରେ ୦୧.୧୦.୨୦୨୬ ତାରିଖ ଠାରୁ ତୃତୀୟଥର ପାଇଁ ଆଉ ଏକ ନୂତନ ଅଭିଯାନ ଚାଲୁ ହେବାକୁ ଯାଉଛି । ଏହା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ବରଗଡ଼ ସମେତ ତାଲୁକ ଆଇନ୍‌ସେବା କାର୍ଯ୍ୟାଳୟ ପଦ୍ମପୁର, ସୋହେଲା, ବରପାଲି ଓ ଭେଡେନ୍ ପରିସରରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ବିଭୂତି ଭୂଷଣ ନାୟକ ସୂଚନା ଦେଇଛନ୍ତି । ଉକ୍ତ ମଧ୍ୟସ୍ଥତା କାର୍ଯ୍ୟକ୍ରମ ମାଧ୍ୟମରେ କୋର୍ଟରେ ବିଚାରାଧୀନ ଥିବ ସମସ୍ତ ପାରିବାରିକ ବିବାଦ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଚେକ୍ ବାଉନ୍ସ ମାମଲା, ରଫାଯୋଗ୍ୟ ଫୌଜଦାରି ମାମଲା, ଖାଉଟି ଅଦାଲତରେ ଥିବା ବିବାଦ, ଋଣ ଆଦାୟ ମାମଲା/ ସାରଫେସି ମାମଲା, ଆଇନ୍‌ଗତ ନିଷ୍ପାଦନ କାର୍ଯ୍ୟାନୁଷ୍ଠାନ ମାମଲା, ମଧ୍ୟସ୍ଥତା ସମ୍ବନ୍ଧୀୟ ମାମଲା, ବାଣିଜ୍ୟିକ ଅଦାଲତରେ ଥିବା ମାମଲା, ନିଯୁକ୍ତି ସମ୍ପର୍କୀୟ ମାମଲା, ସମ୍ପତ୍ତି ବଣ୍ଟନ ବିବାଦ, ଉଚ୍ଛେଦ ମାମଲା, ଭୂ-ଅଧିଗ୍ରହଣ ଜନିତ ମାମଲା, ଶ୍ରମିକ ଅଧିନିୟମ ସମ୍ପର୍କୀୟ ବିବାଦ ଓ ଅନ୍ୟାନ୍ୟ ଯୋଗ୍ୟ ଦେୱାନୀ ମାମଲା ଗୁଡିକ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରାଯାଇପାରିବ ବୋଲି ସୂଚନା ଦେଇଛନ୍ତି । ଏହାର ସୁଯୋଗ ନେଇ ମାମଲାର ପରିସମାପ୍ତି କରିବା ଦ୍ୱାରା ଜନସାଧାରଣମାନେ ସମୟ ଏବଂ ଖର୍ଚ୍ଚ ଅପଚୟ ହେବାରୁ ରକ୍ଷା ପାଇପାରିବେ । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ମଧ୍ୟସ୍ଥତା ମାଧ୍ୟମରେ ସମସ୍ତ ବିଚାରଧିନ ମାମଲାର ସମାଧାନ କରିବା । ସବିଶେଷ ବିବରଣୀ ନିମନ୍ତେ ନିକଟସ୍ଥ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ବରଗଡ଼ ବା ତାଲୁକ ଆଇନ୍‌ସେବା କାର୍ଯ୍ୟାଳୟ ପଦ୍ମପୁର, ସୋହେଲା, ବରପାଲି ଓ ଭେଡେନ୍ ସହିତ ଜନସାଧାରଣ ଯୋଗାଯୋଗ କରିପାରିବେ ।

# ଗୋପାଳପୁର ସମୁଦ୍ରରେ ବୁଡ଼ିଯାଉଥିବା ୩ ପର୍ଯ୍ୟଟକ ଉଦ୍ଧାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗୋପାଳପୁର ସମୁଦ୍ରରେ ସ୍ନାନ କରୁଥିବା ବେଳେ ଗଭୀର ପାଣିକୁ ଚାଲିଯାଇ ବୁଡ଼ି ଯାଉଥିବା ୩ ଜଣ ପର୍ଯ୍ୟଟକଙ୍କୁ ଲାଇଫ୍‌ଗାର୍ଡ଼ ମାନେ ଉଦ୍ଧାର କରିଛନ୍ତି । ଫଳରେ ଲାଇଫ୍‌ଗାର୍ଡ଼ଙ୍କ ତତ୍ପରତା ଯୋଗୁ ଏକ ବଡ଼ ଅଘଟଣ ଟଳିଯାଇଛି । ସୂଚନା ଅନୁଯାୟୀ ବହୁ ସଂଖ୍ୟାରେ ପର୍ଯ୍ୟଟକ ଗୋପାଳପୁର ବେଳାଭୂମିକୁ ଆସିଥିଲେ । ଅପରାହ୍ନ ସମୟରେ ୨ଜଣ ଯୁବକ ବେଳାଭୂମିରେ ସ୍ନାନ କରୁଥିବା ବେଳେ ଅସାବଧାନତା ଯୋଗୁ ଗଭୀର ପାଣିକୁ ଚାଲିଯାଇଥିଲେ । ସେମାନେ ବୁଡ଼ି ଯାଉଥିବା ଦେଖି ବେଳାଭୂମିରେ ନିୟୋଜିତ ଲାଇଫ୍‌ଗାର୍ଡ଼ କାଳୀ ଶଙ୍କର, ଲିଙ୍ଗରାଜ ବେହେରା, ଜି. ଚିଟି ବାବୁ ଏବଂ ଏସ୍‌ପିଓ ରାମ ବାବୁ ତୁରନ୍ତ ସମୁଦ୍ର ଭିତରକୁ ଯାଇ ଉଭୟଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ । ଉଦ୍ଧାର ପରେ ଲାଇଫ୍‌ଗାର୍ଡ଼ମାନେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ଦେଇଥିଲେ । ଜଣେ ଯୁବକ ସୁସ୍ଥ ଥିବାବେଳେ ଅନ୍ୟଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌କୁ ପଠାଯାଇଥିଲା । ଉଭୟ ଯୁବକ ପରିବାର ସହ ଗୋପାଳପୁର ବୁଲିବାକୁ ଆସିଥିବା ଜଣାପଡ଼ିଛି । ସେହିଭଳି ଉତ୍ତରପ୍ରଦେଶର କନୌଜ ଅଞ୍ଚଳର ୪ ରୁ ୫ ଜଣ ସାଙ୍ଗ ଗୋପାଳପୁର ଆସି ସମୁଦ୍ରରେ ସ୍ନାନ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ବିପିନ୍ କୁମାର ଗଭୀର ପାଣିକୁ ଚାଲିଯାଇଥିଲା । ତାଙ୍କୁ ମଧ୍ୟ ଉପସ୍ଥିତ ଲାଇଫ୍‌ଗାର୍ଡ଼ମାନେ ତୁରନ୍ତ ଉଦ୍ଧାର କରି କୂଳକୁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ବିପିନ୍ କୁମାର ସୁସ୍ଥ ଅନୁଭବ କରିବାରୁ ତାଙ୍କୁ ସାଙ୍ଗମାନେ ହାତରେ ହସ୍ତାନ୍ତର କରାଯାଇଥିଲା । ଏହି ଘଟଣାରେ ଅନ୍ୟ ଦୁଇ ଉଦ୍ଧାର ହୋଇଥିବା ପର୍ଯ୍ୟଟକଙ୍କ ପରିଚୟ ସ୍ପଷ୍ଟ ହୋଇପାରିନାହିଁ । ସମୁଦ୍ରରେ ଗାଧୋଇବା ବେଳେ ପର୍ଯ୍ୟଟକମାନେ ସତର୍କ ରହିବା ସହ ଲାଇଫ୍‌ଗାର୍ଡ଼ଙ୍କ ନିର୍ଦ୍ଦେଶ ମାନିବା ଆବଶ୍ୟକ ବୋଲି କୁହାଯାଇଛି ।

# ଓଡ଼ିଶାର ଆତିଥେୟତାରେ ଅଭିଭୂତ ଆମେରିକୀୟ ନାଗରିକ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**





ଓଡ଼ିଶାର ଆତିଥ୍ୟ, ଗ୍ରାମୀଣ ଜୀବନର ସରଳତା ଓ ସରକାରୀ ସ୍ୱାସ୍ଥ୍ୟସେବାର ଅନୁଭୂତିରେ ଅଭିଭୂତ ହୋଇଛନ୍ତି ଆମେରିକୀୟ ନାଗରିକ ମାଇକ୍ ନୁନ୍ । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଜାମରଣ୍ଡା ଅଞ୍ଚଳକୁ ଆସିଥିବା ୨୮ ବର୍ଷୀୟ ମାଇକ୍ ଏକ ସପ୍ତାହ ଧରି ଏକ ସ୍ଥାନୀୟ ପରିବାରରେ ଅତିଥି ଭାବେ ରହିଥିଲେ । ଘରର ସାନ ପୁଅ ମଂଜିତ ସରକାରଙ୍କ ସାଙ୍ଗ ହୋଇଥିବାରୁ ପରିବାର ପକ୍ଷରୁ ତାଙ୍କୁ ନିଜ ପରିବାରର ଜଣେ ସଦସ୍ୟ ଭଳି ଆଦର ଓ ଯତ୍ନ ଦିଆଯାଇଥିଲା । ଗାଁରେ ରହିବା ସମୟରେ ମାଇକ୍ ସ୍ଥାନୀୟ ଲୋକଙ୍କ ସହ ମିଶିବା, ଗାଁରେ ବୁଲିବା ଏବଂ ପରିବାର ସହ ଖାଇବାରେ ବେଶ୍ ଆନନ୍ଦ ନେଇଥିଲେ । ତାଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ରୋଷେଇରେ ଲଙ୍କା ମଧ୍ୟ କମ୍ ଦିଆଯାଉଥିଲା । ଗାଁର ସରଳ ପରିବେଶ, ଗାଈ, କୁକୁର ଭଳି ସାଧାରଣ ଦୃଶ୍ୟ ମଧ୍ୟ ତାଙ୍କୁ ବେଶ୍ ଖୁସି କରୁଥିଲା । ନିଜ ଦେଶକୁ ଫେରିବା ପରେ ମଧ୍ୟ ସେ ପରିବାର ସହ ଭିଡିଓ କଲ୍ ମାଧ୍ୟମରେ ଯୋଗାଯୋଗରେ ରହୁଥିବା ଜଣାପଡ଼ିଛି । ତେବେ ଅଗଷ୍ଟ ୮ ତାରିଖ ସକାଳ ପ୍ରାୟ ୯ଟା ୪୫ରେ ମାଇକ୍ ଅସୁସ୍ଥ ଅନୁଭବ କରି ପୂଜାରୀଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ । ତାଙ୍କର ଛାତିରେ ଜଳାପୋଡ଼ା, ତୀବ୍ର ଗ୍ୟାଷ୍ଟ୍ରାଇଟିସ୍, ବାରମ୍ବାର ବାନ୍ତି ଏବଂ ସାମାନ୍ୟ ଡିହାଇଡ୍ରେସନ୍ ଭଳି ସମସ୍ୟା ଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଥିଲା । ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତାଙ୍କୁ ପରୀକ୍ଷା କରିବା ପରେ ଆବଶ୍ୟକ ଇଞ୍ଜେକ୍ସନ୍ ଓ ଆଇଭି ଫ୍ଲୁଇଡ୍ ଦେବାକୁ ପରାମର୍ଶ ଦେଇଥିଲେ । ପରେ ତାଙ୍କୁ ଇନ୍‌ଡୋର୍‌ରେ ରଖି ପ୍ରାୟ ଏକରୁ ଦେଢ଼ ଘଣ୍ଟା ନିରୀକ୍ଷଣରେ ରଖାଯାଇଥିଲା । ଏହି ସମୟରେ ନିୟମିତ ଭାବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଥିଲା । ଚିକିତ୍ସା ପରେ ମାଇକ୍ ନିଜକୁ ସୁସ୍ଥ ଅନୁଭବ କରିଥିବା କହିବା ପରେ ଆବଶ୍ୟକ ମୌଖିକ ଔଷଧ ଯୋଗାଇ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା । ସବୁଠାରୁ ଅଧିକ ଯାହା ମାଇକଙ୍କୁ ଆଶ୍ଚର୍ଯ୍ୟ କରିଥିଲା, ତାହା ହେଉଛି ଓଡ଼ିଶାର ଗ୍ରାମୀଣ ଅଞ୍ଚଳରେ ମିଳୁଥିବା ସ୍ୱାସ୍ଥ୍ୟସେବା । ନିଜ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଥିବା ଏକ ଭିଡିଓରେ ମାଇକ୍ ଏହି ଅନୁଭୂତି ସମ୍ପର୍କରେ କହିଛନ୍ତି । ଗ୍ରାମୀଣ ଅଞ୍ଚଳର ଏକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଚିକିତ୍ସା ବ୍ୟବସ୍ଥା ଦେଖି ସେ ଆଶ୍ଚର୍ଯ୍ୟ ହୋଇଥିବା ମାଇକ୍ ନିଜ ଭିଡିଓରେ କହିଛନ୍ତି । ମାଇକଙ୍କ କହିବା ଅନୁସାରେ, ଏହି ଚିକିତ୍ସା ଯଦି ଆମେରିକାରେ ନେଇଥାନ୍ତେ, ତେବେ ପ୍ରାୟ ୧,୦୦୦ ଆମେରିକୀୟ ଡଲାର ଖର୍ଚ୍ଚ ହୋଇଥାନ୍ତା । କିନ୍ତୁ ଓଡ଼ିଶାରେ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅଧୀନରେ ସେ ଆବଶ୍ୟକ ଚିକିତ୍ସା ଓ ଔଷଧ ନିଶୁଳ୍କରେ ପାଇଥିବାରୁ ଏହାକୁ ନେଇ ସେ ଖୁସି ପ୍ରକାଶ କରିଛନ୍ତି । ହସ୍ପିଟାଲରୁ ଫେରିବା ପୂର୍ବରୁ ମାଇକ୍ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଧନ୍ୟବାଦ ଦେବା ସହ ନିଜର ଭଲ ଅନୁଭୂତି ବ୍ୟକ୍ତ କରିଥିଲେ । ପରେ ସାମାଜିକ ଗଣମାଧ୍ୟମରେ ମଧ୍ୟ ଏହି ଅନୁଭୂତି ସେୟାର କରିଥିବା ଜଣାପଡ଼ିଛି । ଜଣେ ବିଦେଶୀ ଅତିଥିଙ୍କୁ ଘରେ ନିଜ ପରିବାରର ସଦସ୍ୟ ଭଳି ଆଦର କରିବା ଏବଂ ଅସୁସ୍ଥ ସମୟରେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ମିଳିବା-ଏହି ଦୁଇଟି ଅନୁଭୂତି ମାଇକଙ୍କ ପାଇଁ ଓଡ଼ିଶା ଗସ୍ତକୁ ସ୍ମରଣୀୟ କରିଦେଇଛି । ଓଡ଼ିଆଙ୍କ 'ଅତିଥି ଦେବୋ ଭବଃ' ପରମ୍ପରା ସହ ଗ୍ରାମାଞ୍ଚଳରେ ସରକାରୀ ସ୍ୱାସ୍ଥ୍ୟସେବାର ପହଞ୍ଚକୁ ନେଇ ମାଇକଙ୍କ ଅନୁଭୂତି ଏବେ ଏକ ଭିନ୍ନ ବାର୍ତ୍ତା ଦେଇଛି-ଓଡ଼ିଶାର ଆତିଥ୍ୟ କେବଳ ଘରର ଦୁଆରରେ ଅଟକି ନାହିଁ, ଅସୁସ୍ଥ ସମୟରେ ସେବା ଓ ସହାନୁଭୂତିରେ ମଧ୍ୟ ଏହାର ପରିଚୟ ମିଳେ ।

# ଗେଙ୍ଗୁଟିରେ ନିଖୋଜ ଚାଷୀଙ୍କ ମୃତଦେହ ଉଦ୍ଧାର

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ଦିହୁଡ଼ି-ଆନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପାହାଡ଼ପୁର ଯେନାସାହିର ଗଣେଶ ଯେନା (୫୦) ଗତ ୧୪ ତାରିଖରେ ବନ୍ୟା ଜଳରେ ଭାସିଯାଇ ନିଖୋଜ ହୋଇଥିଲେ । ସୂଚନା ଅନୁଯାୟୀ, ଗଣେଶ ଅନ୍ୟ ଚାଷୀଙ୍କ ସହ ବିଲକୁ ଧାନ ରୋଇବାକୁ ଯାଇଥିଲେ । ହଠାତ୍ ଗେଙ୍ଗୁଟି ନଦୀରେ ବନ୍ୟାଜଳ ବଢ଼ିଯିବାରୁ ସମସ୍ତେ ଘରକୁ ଫେରୁଥିବା ବେଳେ ପ୍ରଖର ପାଣିସ୍ରୋତରେ ଗଣେଶ ଭାସିଯାଇଥିଲେ । ତାଙ୍କସହ ଥିବା ଅନ୍ୟଜଣେ ଚାଷୀ କୌଣସିମତେ ପାଣିରୁ ଉଦ୍ଧାର ହୋଇ କୂଳକୁ ଆସିଥିଲେ । ଗଣେଶ ନିଖୋଜ ହେବା ପରଠାରୁ ଓଡ୍ରାଫ୍ ଟିମ୍ ଓ ସ୍ଥାନୀୟ ଲୋକେ ଗେଙ୍ଗୁଟି ନଦୀର ବିଭିନ୍ନ ସ୍ଥାନରେ ଲଗାତାର ଖୋଜାଖୋଜି ଜାରି ରଖିଥିଲେ । ୪ ଦିନର ଅବିରତ ସନ୍ଧାନ ପରେ ସୋମବାର ନଦୀର ଜଳସ୍ତର କିଛିଟା କମିବାରୁ ଖୋଜାଖୋଜି ଜୋର୍‌ଦାର୍ କରାଯାଇଥିଲା । ଶେଷରେ ଘଟଣାସ୍ଥଳ ଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂର ଗାଈଛନ୍ଦା ଚଟାଣ ନିକଟରୁ ଗଣେଶଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ମୃତଦେହ ଉଦ୍ଧାର ପରେ ପରିବାର ଲୋକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଶୋକ ପ୍ରକାଶ ପାଇଛି ।

# ବନ୍ୟାଞ୍ଚଳରେ ୭ ଦିନ ରିଲିଫ୍ ଦେବାକୁ ବିଧାୟକଙ୍କ ଦାବି



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକର ବନ୍ୟା ଅଞ୍ଚଳରେ ରହିଥିବା ଜନସାଧାରଣଙ୍କୁ ରିଲିଫ୍ ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ରିଲିଫ୍ ସଚିବଙ୍କ ନିକଟରେ ଦାବି କରିଛନ୍ତି । କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକର ଅଳପୁଆ, ତରଡିପାଳ, ପେଣ୍ଠପାଳ, ସିଂହ ଗାଁ, ଅଣ୍ଡରା, ଅମୃତ ମଣୋହୀ, ବଲୁରିଆ, ନୀଳକଣ୍ଠପୁର, ବାଲିପାଟଣା, ବଛରା, ଶାସନ, ଶ୍ରୀରାମପୁର, ଡାମର ଏବଂ ବଳଭଦ୍ରପୁର ଏବଂ ଘାଗରା ସହିତ କେନ୍ଦ୍ରାପଡା ବ୍ଲକର ଏବଂ ପୌରାଞ୍ଚଳ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ପ୍ରାୟ ଲକ୍ଷାଧିକ ଲୋକ ବନ୍ୟାଞ୍ଚଳରେ ରହୁଥିବାରୁ ଏମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିଜେ କେତେକ ଅଞ୍ଚଳରେ ନିଜ ତରଫରୁ ରିଲିଫ୍ ବଣ୍ଟନ କରିବା ସହିତ ଏମାନଙ୍କୁ ୭ ଦିନ ଶୁଖିଲା ଖାଦ୍ୟ, ଔଷଧ ପତ୍ର ଏବଂ ପଶୁ ଖାଦ୍ୟ ଯୋଗାଇ ଦେବାପାଇଁ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଦାବି କରିଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୦ / ୧୧ମ | ୯ | ଶୁ / ୭ରା |
| ୧୦ବୁବୃ | ୧୫ / ୭ | ୬ |
| ଲଗ୍ନକେ / ୨ଶୁ | ୮ଚ | ୫ / ୪ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୯।୦୮।୨୦୨୬, ଭାଦ୍ରବ ଦ୩ନ, ବୁଧବାର**
**ସୂର୍ଯ୍ୟୋଦୟ- ଘ ୫।୨୮।୫୯ ଚନ୍ଦ୍ରୋଦୟ- ଦିଘ ୧୧।୨୦।୪୪**
ସପ୍ତମୀ ସଂଘ ୭।୨୦ ପର୍ଯ୍ୟନ୍ତ, ମଳ ସ୍ୱାତୀ ନକ୍ଷତ୍ର ପ୍ରାଘ ୬।୪୯ ପର୍ଯ୍ୟନ୍ତ । ତୁଳା ଚନ୍ଦ୍ର ରାଘ ୨।୩୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର, କୁମ୍ଭ ରାଶିର । ରାଘ ୨।୩୩ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ସଂଘ ୭।୨୦ ଗତେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୩ ଗତେ ଦିଘ ୭।୧୪ ମଧ୍ୟେ । ଦିଘ ୧୦।୧୭ ଗତେ ଦିଘ ୧୧।୨୭ ମଧ୍ୟେ । **ପର୍ବୋତ୍ସବ-** ଗୋସ୍ୱାମୀ ତୁଳସୀଦାସ ଜୟନ୍ତୀ ।



**ମେଷ:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେହ ଓ ମନ ଭଲ ରହିବ । ଦୂରଯାତ୍ରା କରି ସଫଳତା ହାସଲ କରିବେ ।



**ବୃଷ:** ଆଚାର ବ୍ୟବହାରରେ କିଛିଟା ପରିବର୍ତ୍ତନ ଆପଣଙ୍କୁ ଅଡୁଆରେ ପକେଇପାରେ । ଅଭିମାନୀ ହେବେ । ଅହଂକାର ପ୍ରକାଶ ପାଇବ । ଅଯଥା ବାଦନୁବାଦର ଶୀକାର ହେବେ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ଦେଖାଦେବ ।



**ମିଥୁନ:** ଅତୀତ ଘଟଣାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ । ଆପଣ ବିଦ୍ୱାନ ଓ ଦୟାଳୁ ହେବେ । ଆୟ ତୁଳନାରେ ବ୍ୟୟର ମାତ୍ରା ବଢ଼ିବ । ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ । ପାରିବାରିକ ଆଶ୍ୱସ୍ତି ଲାଭ ହେବ ।



**କର୍କଟ:** ଶାରୀରିକ ଅସୁସ୍ଥତା । ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଉଦାସ ରହିବେ । ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି । ଲୋକ ସମ୍ପର୍କ ବଢ଼ିବ । ଠକାମିର ଶିକାର ହୋଇପାରନ୍ତି । ସାଧାରଣ କଥାକୁ କେନ୍ଦ୍ର କରି ଗୃହେ କଳହ ।



**ସିଂହ:** ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ । ପାରିବାରିକ ସମସ୍ୟାର ସମାଧାନ ହେବ । ଆଜିର ଯାତ୍ରାରେ ଅଭିଳଷିତ ଫଳ ମିଳିବ । ଆୟର ପରିମାଣ ବଢ଼ିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**କନ୍ୟା:** ରୋଜଗାରରେ ବାଧା ଉପୁଜିବ । କର୍ମକ୍ଷେତ୍ରରେ ପ୍ରତାରିତ ହୋଇପାରନ୍ତି । ପାରିବାରିକ ଶାନ୍ତି ଅନୁଭବ କରିବେ । ବନ୍ଧୁ ସହଯୋଗରୁ କର୍ମ ପ୍ରାପ୍ତି । ନୂତନ ଦ୍ରବ୍ୟ ଲାଭ ହେବ । ମନ ଭଲ ରହିବ ।



**ତୁଳା:** ଶୁଭ କାର୍ଯ୍ୟରେ ଯୋଗଦାନ କରିବେ । ଆହାରେ ତୃପ୍ତି । ଆନନ୍ଦ ଉତ୍ସବ ମଧ୍ୟରେ ନିଜକୁ ମଜାଇ ରଖିବେ । ଦେହ ଓ ମନ ଭଲ ରହିବ । କୌଣସି ନୂତନ କାର୍ଯ୍ୟାର ସନ୍ଧାନ ପ୍ରାପ୍ତି ହେବ । ଆୟ ଯୋଗ ରହିଛି ।



**ବିଛା:** ଅଭିଷ୍ଟ ସିଦ୍ଧ ହେବ । ବ୍ୟବସାୟରେ ସଫଳତା ପ୍ରାପ୍ତ ହେବ । ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହେବ । ପରୋପକାର କରି ପ୍ରଶଂସିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ସୁଖ ଲାଭ ହେବ ।



**ଧନୁ:** ଅନେକ କ୍ଷେତ୍ରରୁ ପ୍ରଶଂସା ପ୍ରାପ୍ତ ହେବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ ଆନନ୍ଦ ଦେଖାଦେବ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ମନ ଅସ୍ଥିର ରହିବ ।



**ମକର:** ସହଯୋଗ ବିନା କାର୍ଯ୍ୟ ଅସମ୍ପୂର୍ଣ୍ଣ ହେବ । ଅସହଯୋଗ ବଢ଼ିବ । ଠକାମିର ଶିକାର ହେବେ । ଆୟର ପରିମାଣ କମିଯିବ । ପରିବାରରେ ସାମାନ୍ୟ ଅଶାନ୍ତିର ଆଶଙ୍କା । ଶତ୍ରୁମାନେ ନାଶ ହେବେ ।



**କୁମ୍ଭ:** ବ୍ୟବସାୟରେ ଲାଭବାନ ହେବେ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବାର ସୂଚନା । ମହିଳାମାନେ ସୁଖୀ ହେବେ । ରୋଜଗାରର ପରିମାଣ ବଢ଼ିବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି ।



**ମୀନ:** ଅଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ । ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ରୋଜଗାର ସ୍ଥିର ରହିବ । ପାରିବାରିକ ଅଶାନ୍ତି ଦେଖାଦେବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୦।୦୮।୨୦୨୬, ଭାଦ୍ରବ ଦ୪ନ, ଗୁରୁବାର**
**ସୂର୍ଯ୍ୟୋଦୟ- ଘ ୫।୨୯।୧୬ ଚନ୍ଦ୍ରୋଦୟ- ଦିଘ ୧୨।୧୬।୫୯**
ଅଷ୍ଟମୀ ରାଘ ୯।୨୧ ପର୍ଯ୍ୟନ୍ତ, ବିଶାଖା ନକ୍ଷତ୍ର ଦିଘ ୯।୧୧ ପର୍ଯ୍ୟନ୍ତ । ବିଛା ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ, ଆମିଷ ରାଘ ୯।୨୧ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୩ ଗତେ ଦିଘ ୭।୧୪ ମଧ୍ୟେ । ଦିଘ ୧୦।୩୬ ଗତେ ଦିଘ ୧୦୭ ମଧ୍ୟେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଜନଜାତି ଷ୍ଟାର୍ଟଅପ ଗୁଡିକୁ ପ୍ରୋତ୍ସାହନ

ରୋଜଗାର ପାଇଁ ବାଟ ଫିଟିଛି। ବେରୋଜଗାର କମାଇବା ପାଇଁ ସରକାର ଅନେକ ଯୋଜନା ଆରମ୍ଭ କରିଦେଇଛନ୍ତି। ସେଥିରେ ଆହୁରି ଅଧିକ ଯୋଡିହେବାକୁ ଯାଉଛି। ରାଜ୍ୟରେ ଔଦ୍ୟୋଗିକତା ଓ ନବସୃଜନକୁ ପ୍ରୋତ୍ସାହିତ କରିବା ଦିଗରେ ଏମ୍ଏସ୍ଏମ୍ଇ ବିଭାଗ ଷ୍ଟାର୍ଟଅପ୍ ଓଡ଼ିଶା ଜରିଆରେ କାର୍ଯ୍ୟକ୍ରମକୁ ବ୍ୟାପକ କରିଛି । ଏବେ ରାଜ୍ୟରେ ୨୮ ଶହରୁ ଉର୍ଦ୍ଧ୍ୱ ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପ୍ ରହିଛନ୍ତି । ଅଧିକ ଷ୍ଟାର୍ଟଅପ୍ ଯୋଡ଼ିବା କାର୍ଯ୍ୟକ୍ରମ ହାତକୁ ନେଇଛି ବିଭାଗ । ଏହା ଅଧିନରେ ଆଗାମୀ ୨ ବର୍ଷରେ ୨ ହଜାର ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରହିଥିବା ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ସୂଚନା ମିଳିଛି । ସୂଚନା ମୁତାବକ, ଷ୍ଟାର୍ଟଅପ୍ ଆଇଡିଆ ଗୁଡିକୁ ଉଚିତ ମାର୍ଗଦର୍ଶନ ଜରିଆରେ ବାସ୍ତବ ତଥା ବାଣିଜ୍ୟିକ ଅନୁଷ୍ଠାନରେ ପରିଣତ କରିବା ଦିଗରେ ଇନକ୍ୟୁବେସନ ସେଣ୍ଟର ଗୁଡିକର ପରିସର ଆହୁରି ବଢ଼ାଯିବ । ଏବେ ପ୍ରାୟ ୩୫ ଏଭଳି ଇନକ୍ୟୁବେସନ ସେଣ୍ଟର ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପ ସହଯୋଗରେ କାର୍ଯ୍ୟ କରୁଛି । ଏହାକୁ ଚଳିତ ବର୍ଷ ଶେଷ ସୁଦ୍ଧା ୫୦କୁ ବୃଦ୍ଧି କରାଯିବ । ଏହାଦ୍ୱାରା ଉନ୍ନତ ଇନକ୍ୟୁବେସନ ଏବଂ ଟେକ୍ନୋଲୋଜି ସହାୟତା ଷ୍ଟାର୍ଟଅପ୍ ପାଇପାରିବେ । ସେହିଭଳି ଆଇଡିଆଗୁଡିକ ଯେଭଳି ଦ୍ରୁତ ଭାବେ ଏବଂ ଅଭିବୃଦ୍ଧି ବାଣିଜ୍ୟିକ ସଂସ୍ଥାରେ ରୁପାନ୍ତରିତ ହେବେ ସେ ନେଇ ଅନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଣ ଦିଗରେ ଏବେ ସହଭାଗିତାକୁ ଦୃଢ଼ କରାଯାଉଛି । ଅନ୍ୟପଟେ ଷ୍ଟାର୍ଟଅପ୍ ସଂସ୍କୃତିକୁ କେବଳ ବଡ଼ ସହରରେ ସୀମିତ ନ ରଖି ଗ୍ରାମାଞ୍ଚଳରେ ପ୍ରସାର ପାଇଁ ଉଦ୍ୟମ ହୋଇଛି । ଏ ନେଇ ସାରା ରାଜ୍ୟରେ ହ୍ୟାକାଥନ ଜରିଆରେ ନୂଆ ଷ୍ଟାର୍ଟଅପ୍ ଆଇଡିଆଗୁଡିକୁ ଆଗକୁ ବଢ଼ିବାରେ ସହଯୋଗ ଦେଉଛନ୍ତି ରାଜ୍ୟ ସରକାର । ଆଦିବାସୀ ଅଧୁଷିତ ଜିଲ୍ଲାଗୁଡିକରୁ ଯେଭଳି ଅଧିକ ଷ୍ଟାର୍ଟଅପ୍ ଉଦ୍ୟୋଗ ଆସିବେ ସେ ନେଇ ମଧ୍ୟ ଉଦ୍ୟମ ହେଉଛି । ଜନଜାତି ଯୁବବର୍ଗଙ୍କ ନେତୃତ୍ୱାଧୀନ ଷ୍ଟାର୍ଟଅପଗୁଡିକୁ ଅତିରିକ୍ତ ସୁବିଧା ସୁଯୋଗ ଏବଂ ପରାମର୍ଶ ପ୍ରଦାନ କରାଯିବ । ସେହିଭଳି ସବୁ ଜିଲ୍ଲାର ମୁଖ୍ୟାଳୟ ଗୁଡିକରେ ଆଉଟରିଚ୍ ଜରିଆରେ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ନୂଆ ୪୦ ଅଭିନବ ଷ୍ଟାର୍ଟଅପ୍‌କୁ ଖୋଜିବା ଅଭିଯାନ ଆରମ୍ଭ ହୋଇଛି । ଷ୍ଟାର୍ଟଅପ୍ ଗୁଡିକୁ ଗୋଟିଏ ସ୍ଥାନରେ ସବୁ ପ୍ରକାର ସୁବିଧା ସୁଯୋଗ ପ୍ରଦାନ ନେଇ ୟୁନିଫାଏଡ ବା ଏକୀକୃତ ପୋର୍ଟାଲ ଶୀଘ୍ର ଆସିବ। ଏହା ରାଜ୍ୟରେ ଷ୍ଟାର୍ଟଅପଗୁଡିକୁ ପ୍ରୋତ୍ସାହନ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି । ଏହି ପ୍ରସ୍ତାବକୁ ସରକାରଙ୍କ ସବୁଜ ସଙ୍କେତ ମିଳିଛି । ଷ୍ଟାର୍ଟଅପ୍ ଓଡ଼ିଶାର ସିଇଓ ସ୍ମୃତି ରଞ୍ଜନ ପ୍ରଧାନ କହିଛନ୍ତି, ଷ୍ଟାର୍ଟଅପ୍ ଗୁଡିକୁ ପ୍ରୋତ୍ସାହନ ଦେବାରେ ଓଡ଼ିଶା ବେଶ ଆଗରେ ରହିଛି । ଏହି ଧାରାକୁ ଆହୁରି ବ୍ୟାପକ କରିବା ଲକ୍ଷ୍ୟରେ ଏବେ କାମ ହେଉଛି । ଉଭୟ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପ ସହଯୋଗରେ ଅଭିନବ ଷ୍ଟାର୍ଟଅପ୍ ଗୁଡିକୁ ପ୍ରୋତ୍ସାହିତ କରାଯିବ । ଉଲ୍ଲେଖଯୋଗ୍ୟ, ଷ୍ଟାର୍ଟଅପ୍ ପ୍ରୋତ୍ସାହନ ଲାଗି ୧୩ ନୋଡାଲ ଏଜେନ୍ସି, ୫ ଲକ୍ଷ ବର୍ଗଫୁଟର ଇନକ୍ୟୁବେସନ ସ୍ଥାନ ସହ ୭୫ ଇ-ସେଲ ରହିଛି । ଇନକ୍ୟୁବେଟର ସେଣ୍ଟର ଗୁଡିକରେ ୧୧୨ରୁ ଉର୍ଦ୍ଧ୍ୱ ଷ୍ଟାର୍ଟଅପ୍‌କୁ ମାର୍ଗଦର୍ଶନ ମିଳୁଛି । ୧୪୦ ଷ୍ଟାର୍ଟଅପ୍ ସିଡ୍ ପାଣ୍ଠି ପାଇଥିବା ବେଳେ ୪୧ଟି ଷ୍ଟାର୍ଟଅପ୍ ନିବେଶ ଲାଭ କରିଛନ୍ତି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ବ୍ୟକ୍ତି**

ଶ୍ରଦ୍ଧେୟ ଭକ୍ତବୃନ୍ଦ ବ୍ୟକ୍ତି ଯେ ପର୍ଯ୍ୟନ୍ତ ବ୍ୟକ୍ତତ୍ୱର ବିକାଶ ନ କରିଛି ସେ ପର୍ଯ୍ୟନ୍ତ ସେ ମାୟାର ବନ୍ଧନରେ ଥାଏ । କେବଳ ସେ ହିଁ ସେହି ହୋଇଥାଏ। ପଶୁ ପ୍ରକୃତିକୁ ଆଧାର କରି ଚାଲିଥାଏ । କାମ,କ୍ରୋଧ,ଲୋଭ,ମୋହରେ ଆବୃତ ହୋଇଥାଏ । । ନିଜେ ଖାଇବ ନିଜେ ବଞ୍ଚିବ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ କୁ ଜାହିର କରୁଥାଏ ପ୍ରତିମୂହୂର୍ତ୍ତରେ ଏହା ହିଁ ତ ମାୟା,ମନୁଷ୍ୟ ଜନ୍ମର ସାର୍ଥକତାକୁ ସେ ଭୂଲିଯାଇଥାଏ । ପରଶ୍ରୀକାତରତାର ନିଶାରେ ସେ ମୋହାନ୍ଧ ହୋଇ ସଂସାର ଓ ସମାଜର ବୋଝ ହୋଇଥାଏ । ତେଣୁ ଏ ବୋଝ ତାକୁ ଏତେ ଭାରି ପଡେ ଯେ ପରିଶେଷରେ ତାର ନିଜର ଲୋକ ମାନେହିଁ ତାକୁ ଘୃଣା କରୁଥାଆନ୍ତି । କିନ୍ତୁ ସେ ଭାବେ ମୁଁ ଯାହା କରୁଛି ଠିକ୍ କରୁଛି । ଯାହା କରିଛି ସେବି ଠିକ୍ । କିନ୍ତୁ ପରିଶେଷରେ ମନୁଷ୍ୟ ହିତା ହିତ ଜ୍ଞାନ ଭୂଲି ନର୍କଗାମୀ ହୋଇଥାଏ । ତେଣୁ ହେ ସୁଧିଜନ ବେଳହୁଁ ଗୋବିନ୍ଦ ସୁମର । ଆମେ ଯାହା କରୁଛୁ ତାହା ଠିକ୍ ବୋଲି ଆମେ କହିଲେ ହେବନାହିଁ କାରଣ ମନୁଷ୍ୟର ଦର୍ପଣ ହେଉଛି ସମାଜ,ତୁମର କର୍ମକୁ ସମାଜ ଦେଖିଛି କାରଣ ବହୁ ଲୋକଙ୍କ ହୃଦୟରେ ଯେଉଁ ଭାବ ଜାଗ୍ରତ ହୁଏ ତାହାହିଁ ଈଶ୍ୱର ବାଣୀ । ଆମେ କହିଲେ କେମିତି ହେବ । ତେଣୁ ହେ ସୁଧିଜନ ସବୁ ମୁହୂର୍ତ୍ତରେ ବ୍ୟକ୍ତିଗତ ମନଭାବ ଭୂଲି ସମାଜର ଅଗ୍ରଗତି ଦିଗରେ ସଚେତନ ହେଲେ ଈଶ୍ୱର ନିଶ୍ଚୟ ତୁମକୁ ଆର୍ଶୀବାଦ କରିବେ । ହରିଓଁ ।

◆◆

# ଓଡ଼ିଶାରେ ନାଗ ପୂଜା-୩



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଏଠାରେ ନାଗ ଓ ନାଗୀମାନଙ୍କର ବସ୍ତ୍ର ସମ୍ପର୍କରେ କିଞ୍ଚିତ୍ ଆଲୋଚନା କରାଯାଇପାରେ। ସେମାନଙ୍କର ବିସ୍ତାରିତ ଫଣା ଓ ପରିଧାନରେ ପ୍ରାୟଶଃ ପ୍ରଭେଦ ନଥାଏ। ସାଞ୍ଚି, ଭେରାଘାଟ, ଅମରାବତୀ ପ୍ରଭୃତି ବୌଦ୍ଧ ସ୍ତୂପମାନଙ୍କରୁ ଯେଉଁ ନାଗରାଜାମାନଙ୍କର ମୂର୍ତ୍ତିମାନ ବାହାରିଛି ସେମାନଙ୍କ ମସ୍ତକ ଉପରେ ୩,୫,୭ ଫଣା ରହିଥିବାବେଳେ ନାଗୀର ମସ୍ତକରେ ଗୋଟିଏ ଫଣା ଥିବାର ଦେଖାଯାଏ। ସେପରି ମୂର୍ତ୍ତିଗୁଡ଼ିକ ଖ୍ରୀଷ୍ଟପୂର୍ବ ପ୍ରଥମ ବା ଦ୍ୱିତୀୟ ଶତାବ୍ଦୀରେ ହୋଇଥିବାର ଯଥେଷ୍ଟ ସମ୍ଭାବନା। ଭୁବନେଶ୍ୱର ନିକଟ ସୁନ୍ଦରପଦାରେ ଥିବା ନାଗମୂର୍ତ୍ତିମାନଙ୍କର ପରିଧାନ ବସ୍ତ୍ରର କୁଞ୍ଚ କଟୀଦେଶରୁ ବାମ ପଟରେ ଗୋଟିଏ ସ୍ଥୂଳ ଗଣ୍ଠିରେ ବନ୍ଧା ହୋଇଥିବାବେଳେ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାରେ ଥିବା ନାଗ ମୂର୍ତ୍ତିଗୁଡ଼ିକର ବସ୍ତ୍ର ଗୋଟିଏ ଗଣ୍ଠି ଦ୍ୱାରା ଆବଦ୍ଧ। ବସ୍ତ୍ରର ଶେଷାଙ୍ଗ ଅଳ୍ପ ପରିମାଣରେ ଝୁଲିଥିବାର ଦେଖାଯାଏ। ସେମାନଙ୍କ ପିନ୍ଧିଥିବା ଅଳଙ୍କାରମାନ ଯକ୍ଷିଣୀମାନଙ୍କ ଅଳଙ୍କାର ସହିତ ପ୍ରାୟଶଃ ସମାନ। ତେବେ ନାଗ ବା ନାଗୀମାନଙ୍କର ପୂଜା ବୌଦ୍ଧଧର୍ମ ସହିତ ଜଡ଼ିତ ହେବାକୁ କେହି ଅସ୍ୱୀକାର କରିନାହାନ୍ତି। ମାତ୍ର ଅନ୍ୟ ଧର୍ମ ସହିତ ନାଗ ଓ ନାଗୀମାନଙ୍କର ପୂଜା ମଧ୍ୟ ରହିଛି। ବୈଦିକ ଧର୍ମରେ ନାଗ ପୂଜା ସମାଜ ସହ କେତେ ଜଡ଼ିତ ଥିଲା ତାହାର ସୂଚନା ଆଗରୁ ଦିଆଯାଇଛି।

ଭୁବନେଶ୍ୱରରେ ଯେଉଁସବୁ ନାଗ ମୂର୍ତ୍ତି ବିଭିନ୍ନ ଶୈବପୀଠ ମନ୍ଦିରମାନଙ୍କରେ ଦେଖାଯାଉଛି ସେଥିରୁ କେତେକ ବୌଦ୍ଧମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିବାକୁ କେହି ଅସ୍ୱୀକାର କରିନାହାନ୍ତି। ବିଭିନ୍ନ ମତବାଦରେ ପୂଜିତ ନାଗ ଓ ନାଗୀ ବିଗ୍ରହ ସମ୍ପର୍କରେ ସମ୍ୟକ ଆଲୋଚନା ନିମ୍ନରେ କରାଯାଉଛି।

ବୌଦ୍ଧ:

ଭଗବାନ ଗୌତମବୁଦ୍ଧ ନାଗ ପୂଜା ସମ୍ପର୍କରେ ପୂର୍ବରୁ ଜାଣିଥିବାର କୁହାଯାଇଥାଏ। ସେ ନିଜ ଶିଷ୍ୟ ଆନନ୍ଦଙ୍କୁ ସର୍ବ ବିଷହାରିଣୀ ଜାଙ୍ଗୁଳୀଙ୍କ ସମ୍ପର୍କରେ କହିବା ସହିତ ପୂଜାର ବିଧି ମଧ୍ୟ ତାଙ୍କୁ ଜଣାଇଥିଲେ। ନନ୍ଦ ଓ ଉପନନ୍ଦ ନାମରେ ଦୁଇଟି ନାଗ ଗୋତ୍ରୀୟ ବୁଦ୍ଧଙ୍କ ଜନ୍ମବେଳେ ବହୁ ସାହାଯ୍ୟ କରିବା ସହ ତାଙ୍କର ପ୍ରଥମ ଜନ୍ମ ସ୍ନାନ କରାଇଥିବାର ଜଣାଯାଏ। ଗୌତମବୁଦ୍ଧ ବୋଧିତ୍ୱ ପାଇବା ପାଇଁ ତପସ୍ୟା କରୁଥିବାବେଳେ ତାଙ୍କୁ ଖରା ଓ ବର୍ଷାରୁ ଫଣା ବିଛାଇ ରକ୍ଷା କରିଥିଲେ ନାଗରାଜ ମୁଚ୍ଛଳିନ୍ଦ। ଏହିସବୁ କିମ୍ବଦନ୍ତୀକୁ ନେଇ ବିହାରର ସାଞ୍ଚି, ଅମରାବତୀ, ଓଡ଼ିଶାର ସମ୍ବଲପୁର ଅନ୍ତର୍ଗତ ଗଣିଆପାଲିରୁ ମୂର୍ତ୍ତିମାନ ମିଳିଛି। ବର୍ତ୍ତମାନ ଓଡ଼ିଶାର ଯାଜପୁର ଜିଲ୍ଲା ଅନ୍ତର୍ଗତ ଲଳିତଗିରି, ରତ୍ନଗିରି, ଉଦୟଗିରି ଓ ବଜ୍ରଗିରିରୁ ଭୂଖୋଦନ ଦ୍ୱାରା ଛଅଗୋଟି ମୁଚ୍ଛଳିନ୍ଦ ନାଗ ବିଗ୍ରହ ମିଳିପାରିଛି ଓ ଖନନ ପରେ ଆହୁରି ମିଳିବାର ସମ୍ଭାବନା ମଧ୍ୟ ରହିଛି। ଏହିସବୁ କଳାକୃତି ଖ୍ରୀଷ୍ଟପୂର୍ବର ବୋଲି ସ୍ଥିର ହୋଇଛି। ଗୌତମବୁଦ୍ଧଙ୍କ ଜୀବନ ସହିତ ନାଗ ସମ୍ପର୍କକୁ ନେଇ ପ୍ରାଚୀନ ବିଗ୍ରହମାନ ଓଡ଼ିଶା ଅନ୍ତର୍ଗତ ନରସିଂହପୁରର ବାଣେଶ୍ୱର ନାସୀ, ବାଙ୍କଡ଼ା, ବୌଦ୍ଧର ସୋଲଣପୁର ଓ ଖଦିରାପଡ଼ା ପ୍ରଭୃତି ସ୍ଥାନରେ ରହିଥିବାର ଦେଖାଯାଏ। ତଥାଗତଙ୍କ ଜନ୍ମକୁ ନେଇ କାଳୀୟନାଗ ଉଲ୍ଲସିତ ହେବା, ନାଗରାଜ ଏଲାପାତ୍ର ଗୌତମବୁଦ୍ଧଙ୍କୁ ପ୍ରଶ୍ନ ପଚାରିବା, ଶ୍ରାବସ୍ତିର ଆଶ୍ଚର୍ଯ୍ୟ ତଥା ଭୟଙ୍କର ସର୍ପ ରୂପୀ ଡ୍ରାଗନ୍ ଉରୁବେଲାକୁ ତଥାଗତ ବଶୀଭୂତ କରିବା, ବୁଦ୍ଧଙ୍କ ଦ୍ୱାରା ଅପାଲଳା ନାଗ ବଶୀଭୂତ ହେବା ଓ ପୂର୍ବୋକ୍ତ ନାଗରାଜ ମୁଚ୍ଛଳିନ୍ଦଙ୍କ ଦ୍ୱାରା ସୁରକ୍ଷିତକୁ ନେଇ ଯେଉଁ ଜାତକ ଗପମାନ ରହିଛି ତାହାର କେତେକ ଚିତ୍ର ଭୁବନେଶ୍ୱରସ୍ଥ ଧଉଳି ଶାନ୍ତି ସ୍ତୂପରେ ଖୋଦନ କରାଯାଇଥିଲେ ମଧ୍ୟ ସେଗୁଡ଼ିକ ସତୁରୀ ଦଶକର ହୋଇଥିବାରୁ ତାହା ଆଲୋଚନାର ପରିସରକୁ ଆସିନପାରେ।

ଜୈନ:

ଜୈନ ଧର୍ମରେ ୨୩ତମ ଜୀନ ପାର୍ଶ୍ୱନାଥଙ୍କ ମସ୍ତକରେ ସପ୍ତଫଣାଚ୍ଛାଦିତ ନାଗ ଥିବାର ଦେଖାଯାଏ। ତାଙ୍କର ମହାଶକ୍ତି ପଦ୍ମାବତୀଙ୍କ ମସ୍ତକ ଉପରେ ସେପରି ଫଣା ବିଶିଷ୍ଟ ନାଗ ମଧ୍ୟ ଶୋଭା ପାଉଛି। ଜୈନମାନଙ୍କର ବିଶ୍ୱାସ ଯେ ପାର୍ଶ୍ୱନାଥଙ୍କ ନାମ ଉଚ୍ଚାରଣ କଲେ ସମସ୍ତ ସର୍ପ ବିଷ ହରଣ ହୋଇଯାଏ। କିମ୍ବଦନ୍ତୀରୁ ଜଣାପଡ଼େ ଯେ ଯେତେବେଳେ ପାର୍ଶ୍ୱନାଥ ତପସ୍ୟାରେ ଥିଲେ ତାଙ୍କର ଶତ୍ରୁ କମାଥ ବା କଥା ତପସ୍ୟା ଭଙ୍ଗ ପାଇଁ ବର୍ଷା ଓ ବିଜୁଳିର ସୃଷ୍ଟି କରିଥିଲେ। ମାତ୍ର ସର୍ପରାଜ ଧରାନେନ୍ଦ୍ର ବା ଧାରଣ ନିଜ ସ୍ତ୍ରୀ ପଦ୍ମାବତୀଙ୍କ ସହିତ ତାଙ୍କୁ ସେପରି ଅନିଷ୍ଟରୁ ରକ୍ଷା କରିଥିଲେ। ସେ ନିଜର ସପ୍ତଫେଣା ଆଚ୍ଛାଦନ କରି ଛତା ଭଳି ତାଙ୍କୁ ଜଗି ରହିଥିଲେ। ସେହିଭଳି ଚିତ୍ର ଏଲୋରା, ବାଦାମୀ, ଖଣ୍ଡଗିରି ଓ ଉଦୟଗିରି ଠାରେ ଥିବା ଗୁମ୍ଫାମାନଙ୍କରେ ଦେଖିବାକୁ ମିଳେ। ଓଡ଼ିଶାର ପ୍ରାଚୀ ଓ କୁଶଭଦ୍ରା ନଦୀ ଉପତ୍ୟକାରେ ମଧ୍ୟ ଏପରି ମୂର୍ତ୍ତିମାନ ରହିଛି। ତାହା ମଧ୍ୟରୁ କଟକ ସଦରଥାନା କୁରାଙ୍ଗ ଶାସନ ନିକଟରେ ଆସ୍ତିକ ଜରଦ୍‌ଗାରୁଙ୍କ ବିଗ୍ରହ ସହିତ ମାଟି ତିଆରି ବହୁ ନାଗ ବିଗ୍ରହମାନ ଗ୍ରାମଦେବତୀ ଭାବେ ଗ୍ରାମ ଆରମ୍ଭରୁ ଏକ ଗଛମୂଳରେ ପୂଜା ପାଉଛନ୍ତି। ନୀଳଗିରିର ଶୋଣ ନଦୀ କୂଳରେ ଥିବା କୁଣ୍ଡଳ ଗ୍ରାମରେ ଏହିଭଳି ବିଗ୍ରହମାନ ରହିଥିବାର ଦେଖାଯାଏ। ଏଗୁଡ଼ିକ ଖ୍ରୀଷ୍ଟପୂର୍ବ ବା ଖ୍ରୀଷ୍ଟପର ଦ୍ୱିତୀୟ ଶତାବ୍ଦୀର ବିଗ୍ରହ ବୋଲି କୁହାଯାଇପାରେ।

ବୈଷ୍ଣବ:

ଏପରି ଧର୍ମ ମତରେ ସପ୍ତଫଣାଚ୍ଛାଦିତ କାଳୀୟ ନାଗର ବର୍ଣ୍ଣନାରେ ଭାରତୀୟ ସାହିତ୍ୟ, ସଙ୍ଗୀତ ସତତ ମୁଖରିତ ହୋଇଉଠିଛି। ଭଗବାନ ଶ୍ରୀକୃଷ୍ଣଙ୍କର କାଳୀୟଦଳନ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ସର୍ବଦା ଜାଜ୍ୱଲ୍ୟମାନ ହୋଇରହିଆସିଛି। ବହୁ ପୁରାତନ ବିଷ୍ଣୁ ମନ୍ଦିରରେ ମଧ୍ୟ ଏପରି ଚିତ୍ରମାନ ଖୋଦିତ ହୋଇ ଦର୍ଶକର ଦୃଷ୍ଟି ଆକର୍ଷଣ କରିଥାଏ। ସେହିପରି ଭଗବାନ ବିଷ୍ଣୁଙ୍କର ଅନନ୍ତ ଶୟନ ମଧ୍ୟ ଏପରି ଆଲୋଚନାକୁ ଆସିପାରେ। ଗରୁଡ଼ଙ୍କ ସହ ଅଷ୍ଟନାଗ ଗୁଡ଼େଇ ହୋଇଥିବା ୩ଫୁଟ ଉଚ୍ଚତାର ଚମତ୍କାର ବିଗ୍ରହ ଶ୍ରୀଜୟଦେବଙ୍କ ଜନ୍ମସ୍ଥାନ ସନ୍ନିକଟରେ ଥିବା ମାଧବ ଗ୍ରାମର ମାଧବାନନ୍ଦଙ୍କ ମନ୍ଦିରରେ ରହିଥିବାର ଦେଖାଯାଏ। ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଏପରି ମୂର୍ତ୍ତି ଅନ୍ୟତ୍ର ବିରଳ। ବଳରାମ ଶେଷନାଗଙ୍କ ଅବତାର ଭାବେ ବର୍ଣ୍ଣିତ।

ଶାକ୍ତ: ଶୈବମାନଙ୍କର ଶିବଲିଙ୍ଗ ସହିତ ନାଗ ପୂଜା ବେଶ୍ ପରିଚିତ। ଏହି ସାଂସ୍କୃତିକ ଧର୍ମଧାରା ସହିତ ନାଗକୁ କେବେ ହେଲେ ଅଲଗା କରିହୁଏ ନାହିଁ। ସେପରି ମତକୁ ନେଇ ମନ୍ଦିର ଗାତ୍ରମାନଙ୍କରେ ବହୁ ଚିତ୍ର ମଧ୍ୟ ଖୋଦିତ ହୋଇଛି। ଏଥିରେ ସାପ ଅଲଗା ପୂଜା ପାଇନଥାନ୍ତି।

ଶକ୍ତି:

ଓଡ଼ିଶାରେ ଭୌମକର ଶାସନବେଳେ (ଖ୍ରୀ.ଅ. ୮ମରୁ ୧୦ମ ଶତାବ୍ଦୀ) ବୌଦ୍ଧଧର୍ମର ପ୍ରଭାବ ବିଶେଷ ଭାବରେ ପଡ଼ିଥିଲେ ମଧ୍ୟ ଶକ୍ତି ଆରାଧନାକୁ ଏଥିରୁ କେବେହେଲେ ଏଡ଼ାଇ ଦିଆଯାଇନଥିଲା। ଏହି ବଂଶର ମହାରାଣୀ ତ୍ରିଭୁବନ ମହାଦେବୀ ବିଶେଷ ଭାବେ କାତ୍ୟାୟନୀ ପୂଜାର ସମର୍ଥକ ଥିଲେ। ଏପରି ପୂଜାରେ ମହିଷମର୍ଦ୍ଦିନୀ ଦୁର୍ଗା, ପାର୍ବତୀ, ଚଣ୍ଡୀ, ବିରଜା, ସପ୍ତମାତୃକା, ଚାମୁଣ୍ଡା, ମଙ୍ଗଳା, ବରାହୀ, କାଳୀ, ବିମଳା, ଚର୍ଚ୍ଚିକା, ଭଗବତୀ, ସ୍ତମ୍ଭେଶ୍ୱରୀ, ସମଲେଶ୍ୱରୀ ଓ ପାଟଣେଶ୍ୱରୀ ପ୍ରଭୃତିଙ୍କ ନାମ ଆସିପାରେ। ଅଷ୍ଟଭୁଜା ଦୁର୍ଗାଙ୍କର ବିଭିନ୍ନ ଭୁଜରେ ଧରିଥିବା ଅସ୍ତ୍ରମାନଙ୍କ ମଧ୍ୟରେ ସର୍ପ ଅନ୍ୟତମ। ଯାଜପୁରରେ ବିରାଜିତା ବିରଜା ଠାକୁରାଣୀଙ୍କ ମୂର୍ତ୍ତିର ମସ୍ତକରେ ସାପ ଫଣା ବିସ୍ତାର କରିରହିଛି। ଏପରି ବିଗ୍ରହ ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀର ବୋଲି ଆକଳନ କରାଯାଇପାରେ। ରାଜ୍ୟ ସଂଗ୍ରହାଳୟରେ ଥିବା ଏକ ଚାମୁଣ୍ଡା ମୂର୍ତ୍ତିର କେଶଗୁଡ଼ିକ ସର୍ପ ପରି ଉପରକୁ ଖୋଦିତ ହୋଇଛି। ଶାକ୍ତ ତାନ୍ତ୍ରିକମାନେ ମଧ୍ୟ ସର୍ପ ପୂଜାକୁ ଏଡ଼ାଇ ଦେଇ ନାହାନ୍ତି।

ଯୋଗିନୀ ତନ୍ତ୍ର: ବଜ୍ରଯାନୀ ବୌଦ୍ଧ ଓ ଶାକ୍ତ ତନ୍ତ୍ରବାଦକୁ ନେଇ ଧଉଳି ପାହାଡ଼ ସନ୍ନିକଟ ପୂର୍ବଦିଗରେ ଥିବା ବୃତ୍ତାକାର ଚଉଷଠୀ ଯୋଗିନୀ ମନ୍ଦିର ମଧ୍ୟରେ କେତେକ ଯୋଗିନୀମାନଙ୍କର ଅଳଙ୍କାର, ଆୟୁଧ ଓ ବାହନ ରୂପେ ସର୍ପଙ୍କୁ ନିଆଯାଇଛି।

ଯୋଗିନୀ (୫)- କାନ୍ତି ବା ଲକ୍ଷ୍ମୀ ଦ୍ୱିଭୂଜା (୧" x ୮" x ୧୧")। ହାତ ଦୁଇଟି ଅଧାରୁ ଭଙ୍ଗା। ବାମ ଭୁଜରେ ନାଗ କେୟୂର ଗହଣା ଶୋଭା ପାଉଛି।

ଯୋଗିନୀ (୧୦)- ରଣବୀରା (୧'.୮" x ୯")। ସାପର ଫଣା ଓ ଦେହ ଉପରେ ଠିଆ ହୋଇଥିବାର ଦୃଶ୍ୟ।

ଯୋଗିନୀ (୨୨)- ସରସ୍ୱତୀ (୧'.୧୦" x ୧୧")। ବଡ଼ ସାପର ପିଠି ଉପରେ ଠିଆ ହେବାର ଦୃଶ୍ୟ।

ଯୋଗିନୀ (୨୯)- ମହାଲକ୍ଷ୍ମୀ (୧'.୯" x୧୦")। ବେକରେ ସାପର ମାଳା।

ଯୋଗିନୀ (୩୪)- ଉମା ବା ଚିତାଳ - ସର୍ପ ଭଳି ମୁଖ।

ଯୋଗିନୀ (୪୭)- (୧'.୧୦" x ୧୧") ଉପର ବାମ ହାତରେ ନାଗଫାଶ।

ହିରାପୁରସ୍ଥ ଯୋଗିନୀମାନଙ୍କର ଯେଉଁ ସବୁ ନାମ ଉପରେ ଉଲ୍ଲେଖ କରାଯାଇଛି ସେପରି ନାମସବୁ ସର୍ବତ୍ର ଏକ ନୁହେଁ। ତେବେ ହିନ୍ଦୁ ପୂଜିତ ବିଗ୍ରହଗୁଡ଼ିକ ଆକୃତି ଓ ଆୟୁଧ, ବାହନ ସହ ତନ୍ତ୍ର ବା ବୌଦ୍ଧ ବିଗ୍ରହଗୁଡ଼ିକର ସମାନତା ନାହିଁ। ହୁଏତ ନାମ ଏକ ହୋଇପାରେ। ଭୁବନେଶ୍ୱର ନିକଟସ୍ଥ ହିରାପୁର ଚଉଷଠୀ ଯୋଗିନୀ ପୀଠର ସ୍ୱତନ୍ତ୍ରତା ରହିଛି। ଏପରି ସଂକ୍ଷିପ୍ତ ଆଲୋଚନାରୁ ଜଣାପଡ଼େ ଯେ ଭାରତୀୟ ଉପମହାଦେଶର ଧର୍ମଧାରାରେ ସର୍ପ ପୂଜା ଓତପ୍ରୋତ ଭାବେ ଜଡ଼ିତ ଥିଲା। ତତ୍କାଳୀନ କଳିଙ୍ଗ, ତୋଷାଳି ଓ କୋଶଳରେ ମଧ୍ୟ ଏପରି ପୂଜା ବେଶ୍ ପ୍ରଭାବ ବିସ୍ତାର କରିଥିଲା। ବର୍ତ୍ତମାନ ଭୁବନେଶ୍ୱର ଅଞ୍ଚଳରେ ସର୍ପପୂଜାର ସମ୍ୟକ ଆଲୋଚନା କଲେ ତାହା କିପରି ଏଠାର ପ୍ରଚଳିତ ଧର୍ମଧାରା ସହିତ ଜଡ଼ିତ ହୋଇରହିଛି ତାହା ଜଣାପଡ଼ିଥାଏ। **(କ୍ରମଶଃ)**

# ଶ୍ରୀକ୍ଷେତ୍ର ଧାମରେ ଗାନ୍ଧୀଜୀ



**ପବିତ୍ର ମୋହନ ବାରିକ**
**ଅଧ୍ୟାପକ, ଇତିହାସ ବିଭାଗ**
**ମଦନପୁର, ଖୋର୍ଦ୍ଧା।**
**ମୋ-୮୮୯୫୧୯୦୪୭୫**

ଜାତିର ଜନକ ମହାନୁଭବି ମହାମାନବ ମହାତ୍ମାଗାନ୍ଧୀ ଏ ବିଶ୍ୱର ଜଣେ ବିସ୍ମୟ ବ୍ୟକ୍ତିତ୍ୱ । ତାଙ୍କ ଚିନ୍ତା, ଚେତନା, ଆଦର୍ଶ ଗୋଟିଏ ନୂତନ ମତବାଦ ସୃଷ୍ଟି କରିଥିଲା । ଯାହା "ଗାନ୍ଧୀବାଦ" ନାମରେ ବିଶ୍ୱବିଖ୍ୟାତ। ଗାନ୍ଧୀବାଦ ଥିଲା ସତ୍ୟ, ଅହିଂସା ଓ ସତ୍ୟାଗ୍ରହକୁ କେନ୍ଦ୍ରକରି ଉଦ୍ଦିଷ୍ଟ । ଅନ୍ୟାୟ ବିରୁଦ୍ଧରେ ନ୍ୟାୟ, ଅସତ୍ୟ ବିରୁଦ୍ଧରେ ସତ୍ୟ ଓ ହିଂସା ବିରୁଦ୍ଧରେ ଅହିଂସାର ବିଜୟ ନିମନ୍ତେ ସେ ତାଙ୍କର ସମଗ୍ର ଜୀବନ ସମର୍ପିତ କରିଥିଲେ । ମାନବବାଦର ସେ ଥିଲେ ଜଣେ ସଫଳ ସତୀର୍ଥ । ସଂଗ୍ରାମ ଓ ସଂଘର୍ଷର ଅନ୍ୟନାମ ଗାନ୍ଧୀଜୀ । ମାନବବାଦ ଓ ମୂଲ୍ୟବୋଧର ମହାନ ପୂଜାରୀ ଥିଲେ ମହାତ୍ମାଗାନ୍ଧୀ । ନିଷ୍ପେଷିତ ଓ ଅବହେଳିତ ମାନଙ୍କର ସେ ଥିଲେ ସଶକ୍ତ ସ୍ୱର । ସ୍ୱାଧୀନତା ସଂଗ୍ରାମ, ନାରୀ ଜାଗରଣ, ସାଂପ୍ରଦାୟିକ ସଦ୍‌ଭାବ, ଦଳିତ ବର୍ଗର ଉତ୍‌ଥାନ, ନିଶାନିବାରଣ ଓ ଧର୍ମନିରପକ୍ଷତା ପ୍ରଭୃତି ଥିଲା ତାଙ୍କ ଜୀବନ ଦର୍ଶନର ମୂଳ ଉଦ୍ଦେଶ୍ୟ। ରକ୍ତ ମାଂସ ଶରୀରରେ ଜନ୍ମ ନେଇଥିବା ଭଗବାନ ବୁଦ୍ଧ ଓ ଯୀଶୁଙ୍କୁ ବାଦ ଦେଲେ ପୃଥିବୀରେ ତୃତୀୟ ବ୍ୟକ୍ତି ଜନ୍ମ ନେଇ ନାହାଁନ୍ତି ଯେ ଗାନ୍ଧୀଜୀଙ୍କ ଲୋକପ୍ରିୟତା ସହ ସମକକ୍ଷ ହେବା ଗାନ୍ଧୀଜୀ ଜଣେ ଆଧ୍ୟାତ୍ମିକବାଦୀ ବ୍ୟକ୍ତି ଥିଲେ । ହିନ୍ଦୁ ଧର୍ମଶାସ୍ତ୍ର ଭାଗବତ ଗୀତାର ମୌଳିକ ଦର୍ଶନ ତାଙ୍କୁ ଗଭୀର ଭାବରେ ଅନୁପ୍ରାଣିତ କରିଥିଲା । ଓଡିଶା ପ୍ରତି ଗାନ୍ଧୀଜୀଙ୍କ ମନରେ ଥିଲା ଅତ୍ୟନ୍ତ ଭାବ ପ୍ରବଣତା ଓ ଦୁର୍ବଳତା । ତତ୍‌କାଳୀନ ସମୟରେ ଓଡିଶାର ଦାରିଦ୍ର୍ୟତା ତାଙ୍କୁ ଗଭୀର ମର୍ମାହତ ଓ ବ୍ୟଥିତ କରିଥିଲା । ଓଡିଆମାନଙ୍କର ସରଳତା ତାଙ୍କୁ ଆକର୍ଷିତ କରିଥିଲା । ତେଣୁ ସେ ଓଡିଆମାନଙ୍କୁ ପ୍ରାଣଭରି ଭଲ ପାଉଥିଲେ । ସେ ତାଙ୍କ ଜୀବନ କାଳ ମଧ୍ୟରେ ଆଠ ଥର ଓଡିଶାକୁ ଆସିଥିଲେ । ଓଡିଆମାନଙ୍କ ପ୍ରତି ତାଙ୍କର ଅହେତୁକ ଶ୍ରଦ୍ଧା ଓ ସମ୍ମାନ ଥିଲା । ୧୯୨୧, ୧୯୨୫, ୧୯୨୭, ୧୯୨୮, ୧୯୩୪, (ଦୁଇଥର), ୧୯୩୮, ୧୯୪୬ରେ ସେ ଓଡିଶାକୁ ଶୁଭାଗମନ କରିଥିଲେ । ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରତିଷ୍ଠାତା ସଭାପତି ପୁଣ୍ୟାତ୍ମା ପଣ୍ଡିତ ଗୋପବନ୍ଧୁ ଦାସ ଅନୁରୋଧ କ୍ରମେ ଅସହଯୋଗ ଆନ୍ଦୋଳନ ପରିପ୍ରେକ୍ଷୀରେ ଗାନ୍ଧୀଜୀ ସ୍ୱରାଜ୍ୟପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ଓ ଅସହଯୋଗର ବାର୍ତ୍ତା ପ୍ରଦାନ ନିମନ୍ତେ ଓଡିଶା ଆସିଥିଲେ । ତାଙ୍କର ପ୍ରଥମ ଓଡିଶା ଗସ୍ତ ଥିଲା ୧୯୨୧ ମସିହା ମାର୍ଚ୍ଚ ମାସ ୨୩ ତାରିଖ ପବିତ୍ର ଦୋଳ ପୂର୍ଣ୍ଣିମା ଦିନ, ଗାନ୍ଧୀଜୀଙ୍କର ପ୍ରଥମ ପୁରୀ ଗସ୍ତ ଥିଲା। ୧୯୨୧ ମସିହା ମାର୍ଚ୍ଚ ମାସ ୨୬ ତାରିଖ ଦିନ, ସତ୍ୟବାଦୀ ଦେଇ ରେଳଗାଡିରେ ଆସି ଗାନ୍ଧୀଜୀ ପହଞ୍ଚିଲେ । ତାଙ୍କୁ ଦେଖିବା ପାଇଁ ରେଳ ଷ୍ଟେସନ ଠାରୁ ଶରଧା ବାଲି ପର୍ଯ୍ୟନ୍ତ ସେ ସମୟରେ ହଜାର ହଜାର ଜନସାଧାରଣ ଏକତ୍ରିତ ହୋଇଥିଲେ । ରେଳଷ୍ଟେସନ ବାହାରେ ପ୍ରାୟ ୨୦ହଜାର ଲୋକଙ୍କର ସମାଗମ ହୋଇଥିଲା । ଗାନ୍ଧୀଜୀ ଜଗନ୍ନାଥ ସଡକ(ବଡଦାଣ୍ଡ)ରେ ପହଁଞ୍ଚିବା ବେଳକୁ ଜନସଂଖ୍ୟା ପ୍ରାୟ ୫୦ ହଜାର ହୋଇସାରିଥିଲା । ୨୬ରୁ ୨୯ ତାରିଖ ସକାଳ ପର୍ଯ୍ୟନ୍ତ ଗାନ୍ଧୀଜୀ ସମୁଦ୍ରକୂଳ ନିକଟସ୍ଥ ଗୋପାଳ କୋଠି ବା ସାଗର ସୌଧରେ ଅବସ୍ଥାନ କରିଥିଲେ । ସନ୍ଧ୍ୟାରେ ଶରଧା ବାଲିରେ ଏକ ବିରାଟ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ଛଅଟାରେ ଆୟୋଜିତ ହୋଇଥିବା ଏହି ସଭାରେ ପ୍ରାୟ ୭୦ ହଜାରରୁ ଅଧିକ ଜନତା ସମବେତ ହୋଇଥିଲେ । ଉକ୍ତ ସଭାରେ ମହାତ୍ମାଗାନ୍ଧୀ, କସ୍ତୁରବା, ପଣ୍ଡିତ ଗୋପବନ୍ଧୁ ଦାସ, ରାଜେନ୍ଦ୍ର ପ୍ରସାଦ, ଜଗବନ୍ଧୁ ସିଂ,ରାଧାନାଥ ରଥଙ୍କ ସମେତ ଅନେକ ପ୍ରତିଷ୍ଠିତ ବ୍ୟକ୍ତି ଉପସ୍ଥିତ ଥିଲେ । ସେହି ସଭାରେ ଉତ୍କଳମଣି ଗୋପବନ୍ଧୁଦାସ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ । ଏହି ସଭାରେ ସେ ପୁରୀର ଦୁର୍ଭିକ୍ଷ କଥା ଉଲ୍ଲେଖ କରିଥିଲେ । ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କର ଅଙ୍ଗଲାଗି ବସ୍ତ୍ର, ପତିତପାବନ ବାନା ଓ ଅନ୍ୟାନ୍ୟ କ୍ଷେତ୍ରରେ ଲାଗି ହେଉଥିବା ବିଦେଶୀ ବସ୍ତ୍ରକୁ ଗାନ୍ଧୀଜୀ ନାପସନ୍ଦ କରିଥିଲେ । ଓଡିଆ ଜାତିର ଆରାଧ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ସ୍ୱଦେଶୀର ପ୍ରତୀକ ହାତକଟା ସୂତାର ପ୍ରସ୍ତୁତ ଖଦୀ ବସ୍ତ୍ର ବ୍ୟବହାର ନିମନ୍ତେ ପଣ୍ଡାମାନଙ୍କୁ ଗାନ୍ଧୀଜୀ ଅନୁରୋଧ କରିଥିଲେ । ଶ୍ରୀଜଗନ୍ନାଥ ସଂସ୍କୃତିରେ ସ୍ୱଦେଶୀ ବସ୍ତ୍ର ବ୍ୟବହାର କରାଗଲେ ସ୍ୱଦେଶୀ ଭାବନା ଓ ଆନ୍ଦୋଳନ ଅଧିକ ତୀବ୍ରତର ହେବ ବୋଲି ସେ ଆଶା କରିଥିଲେ । ଦୁର୍ଭିକ୍ଷ ପ୍ରପିଡିତ ଅସ୍ଥି କଙ୍କାଳସାର ଜନତାର ଛିଣ୍ଡା ମଇଳା କନା ଓ ଶୁଷ୍କ ଶରୀର ଦେଖି ସେ ସେହିଦିନ ଲୁଗା ଓ କାମିଜ ନପିନ୍ଧିବାକୁ ଶପଥ କରିଥିଲେ । ଜଗନ୍ନାଥଧର୍ମରେ ଅସ୍ପୃଶ୍ୟତା ଓ ନିଶାନିବାରଣ ନିମନ୍ତେ ଗାନ୍ଧୀଜୀ ଆଗ୍ରହ ପ୍ରକାଶ କରିଥିଲେ । ଘରେ ଘରେ ଅରଟ ଚଳାଇବା, ଗୋରକ୍ଷା ଓ ଧର୍ମରକ୍ଷା ନିମନ୍ତେ ଶ୍ରୀକ୍ଷେତ୍ର ଶରଧା ବାଲିରୁ ଗାନ୍ଧୀଜୀ ଉପସ୍ଥିତ ଜନତାଙ୍କୁ ଆହ୍ୱାନ କରିଥିଲେ । ମାର୍ଚ୍ଚ୨୭ରେ ଗାନ୍ଧୀଜୀ ବଡ ଦେଉଳକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିବାର ଜଣାଯାଏ । ଶ୍ରୀଜଗନ୍ନାଥଙ୍କ ଦର୍ଶନ ଅନୁଭୂତି ସମ୍ପର୍କରେ ଗାନ୍ଧୀଜୀ ଯାତ୍ରୀ ପଣ୍ଡାଙ୍କ ଖାତାରେ ଉଲ୍ଲେଖ କରିଛନ୍ତି। ଶ୍ରୀଜୀଉଙ୍କ ଦର୍ଶନ ସମୟରେ ନିଜର ଅନୁଭବକୁ ସେ ଗୁଜୁରାଟି ଭାଷାରେ ଲେଖିଥିଲେ । ଗାନ୍ଧୀଜୀଙ୍କ ପରିବାରର ଯାତ୍ରୀ ପଣ୍ଡା ରଘୁନାଥ ଗୋଛିକାର ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଶ୍ରୀଜୀଉଙ୍କ ଦର୍ଶନ ସମୟରେ ଗାନ୍ଧୀଜୀଙ୍କ ସହିତ ପତ୍ନୀ କସ୍ତୁରବା, କନିଷ୍ଠପୁତ୍ର ଦେବଦାସ, ଭଣଜା ଯମୁନା ଦାସ ଖୁସାଲ ଚନ୍ଦ୍ର ଥିଲେ । ୨୭ ତାରିଖରେ ଗାନ୍ଧୀଜୀ କେତେକ ଦୁର୍ଭିକ୍ଷ ଅଞ୍ଚଳ ପରିଦର୍ଶନ କରିଥିଲେ। ଅପରାହ୍ନ ୪ଟାରେ ସେ ମହିଳାମାନଙ୍କର ସଭାରେ ଉଦ୍‌ବୋଧନ ଦେଇଥିଲେ । ୨୮ ତାରିଖରେ ଗାନ୍ଧୀଜୀଙ୍କର ମୌନବ୍ରତ ଥିଲା । ୨୯ ତାରିଖ ଦିନ ସକାଳେ ପୁରୀରୁ ରେଳଗାଡି ଯୋଗେ ବ୍ରହ୍ମପୁର ଅଭିମୁଖେ ଯାତ୍ରା କଲେ ଗାନ୍ଧୀଜୀ । ଗାନ୍ଧୀଜୀଙ୍କର ପ୍ରଥମ ପୁରୀ ଗସ୍ତ ଓ ଶ୍ରୀଜଗନ୍ନାଥ ଦର୍ଶନ ସମ୍ବନ୍ଧରେ ଉତ୍କଳ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଡଃ ପାବକ କାନୁନଗୋ, ପ୍ରହଲ୍ଲାଦ ସିଂହ ଓ ଗୌରାଙ୍ଗ ପରିଡାଙ୍କ ରଚିତ ପୁସ୍ତକ ଓ ପ୍ରବନ୍ଧ ମାନଙ୍କରେ ଉଲ୍ଲେଖ ଅଛି। "ୟଙ୍ଗ ଇଣ୍ଡିଆ" ପତ୍ରିକାରେ ୧୯୨୧ ଏପ୍ରିଲ ୬ତାରିଖ ଦିନ ଗାନ୍ଧୀଜୀ ତାଙ୍କ ପୁରୀ ଗସ୍ତ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । ନବଜୀବନ ପତ୍ରିକାରେ ମଧ୍ୟ ଗାନ୍ଧୀଜୀ ତାଙ୍କର ପ୍ରଥମ ଓଡିଶା ଓ ପୁରୀ ଗସ୍ତ ଉପରେ ଏକ ଚିତ୍ତାକର୍ଷକ ଅନୁଭୂତି ବର୍ଣ୍ଣନା କରିଛନ୍ତି । ଗାନ୍ଧୀଜୀଙ୍କ ବର୍ଣ୍ଣନା ଅନୁଯାୟୀ ଗୋପବନ୍ଧୁଙ୍କ ସ୍କୁଲ ଦେଖିବାପରେ ସେ ଜଗନ୍ନାଥ ପୁରୀକୁ ଆସିଥିଲେ । ସହରଟି ସମୁଦ୍ର କୂଳରେ ଅବସ୍ଥିତ ଥିବାରୁ ସର୍ବଦା ସୁଲୁସୁଲିଆ ଥଣ୍ଡାପବନ ପ୍ରବାହିତ ହୁଏ । ସେ ଆଉ ମଧ୍ୟ ଉଲ୍ଲେଖ କରିଛନ୍ତି ଗୁଜୁରାଟର ସମୁଦ୍ର କୂଳିଆ ସହର ଡମାସ, ପୋରବନ୍ଦର ବା ଭେରାବଲ ଠାରୁ ପୁରୀ ଅଧିକ ସ୍ୱାସ୍ଥ୍ୟପ୍ରଦ । ଗାନ୍ଧୀଜୀ ଆଉ ମଧ୍ୟ ବର୍ଣ୍ଣନା କରିଛନ୍ତି ବଙ୍ଗାଳୀମାନେ ଓ ସରକାର ଏହାକୁ ସ୍ୱାସ୍ଥ୍ୟ ନିବାସ ବୋଲି ଘୋଷଣା କରିଛନ୍ତି । ପ୍ରତିବର୍ଷ ବହୁ ସଂଖ୍ୟକ ବଙ୍ଗାଳୀ ସେଠାକୁ ଯାଆନ୍ତି ଓ ଭଲ ସ୍ୱାସ୍ଥ୍ୟ ନେଇ ଘରକୁ ଫେରନ୍ତି । ଉକ୍ତ ଯାତ୍ରୀମାନେ ବିଶ୍ୱାସ କରନ୍ତି ଯେ ଜଗନ୍ନାଥ ଦର୍ଶନ ଓ ପଣ୍ଡାମାନଙ୍କୁ ଆର୍ଥିକ ଦାନ ଦ୍ୱାରା ସେମାନେ ପ୍ରକୃତ ଧର୍ମ ଅର୍ଜନ କରି ଘରକୁ ଫେରନ୍ତି । ଗାନ୍ଧୀଜୀ ଆଉ ମଧ୍ୟ ଉଲ୍ଲେଖ କରିଛନ୍ତି ସେ ଯେତେବେଳେ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଗଲେ ତାଙ୍କ ମନରେ ବହୁ ଭାବନା ସୃଷ୍ଟି ହୋଇଥିଲା । ନବ ଜୀବନରେ ଏକଥା ମଧ୍ୟ ଗାନ୍ଧୀଜୀ ଲେଖିଛନ୍ତି ଏହା ଏକ ପ୍ରଚୀନ ମନ୍ଦିର ଓ ବଡ ଚିତ୍ତାକର୍ଷକ ମଧ୍ୟ । ମନ୍ଦିର ଶିଖରରେ ସୁଦର୍ଶନ ଚକ୍ରରେ (ଯାହାକୁ ନୀଳଚକ୍ର କୁହନ୍ତି)ବାନା ଫରଫର ଉଡୁଛି । ଗାନ୍ଧୀଜୀ ଲେଖିଛନ୍ତି ମନ୍ଦିର ଉଚ୍ଚତା ବହୁତ ବେଶୀ । ମନ୍ଦିରରେ ଥିବା ଠାକୁର ନାରାୟଣ ଓ ଲକ୍ଷ୍ମୀଙ୍କର ମୂର୍ତ୍ତି ରହିଛି । ମୂର୍ତ୍ତିମାନ ଏତେ ବିରାଟ ଯେ ଦେଖିଲେ ଭକ୍ତି ଓ ଭୟ ଜାତ ହୁଏ । ଯେଉଁ ଗମ୍ଭୀରା ଭିତରେ ମୂର୍ତ୍ତିମାନ ବିଜେ କରିଛନ୍ତି ସେଠାରେ କିଟିକିଟି ଅନ୍ଧାର । ସେଠାରେ ଆଲୋକ କିମ୍ବା ପବନ ନାହିଁ । ଗୋଟାଏ ଦୁଇଟି ମିଞ୍ଜି ମିଞ୍ଜି ପ୍ରଦୀପ ଜଳୁଛି । ଗାନ୍ଧୀଜୀଙ୍କ ବର୍ଣ୍ଣନାରେ ଉଲ୍ଲେଖ ଅଛି ପ୍ରଭୁଙ୍କୁ ଯେଉଁ ପରିଧାନ ପିନ୍ଧାଇ ଦିଆଯାଉଅଛି ତାହା ବିଦେଶୀ ବସ୍ତ୍ର । କାହିଁକି ଏତେ ମୂର୍ଖତା ଓ ଚିନ୍ତାଶୂନ୍ୟ କାର୍ଯ୍ୟ କରାଯାଉଅଛି ବୋଲି ଗାନ୍ଧୀଜୀ ତାଙ୍କ ରଚନାରେ ସ୍ଥାନ ଦେଇଛନ୍ତି । ଠାକୁରମାନଙ୍କ ପାଇଁ ଅଗଣିତ ଅଭିଆଡି ଝିଅ ହୃଦୟରେ ପ୍ରେମ ଭାବ ନେଇ ଅରଟରେ ସୂତା କାଟୁଥିଲେ ଓ ସେହିଭଳି ପ୍ରେମ ଭାବରେ ଅସଂଖ୍ୟ ତନ୍ତୀ ସେ ସୂତାକୁ ଲୁଗା ବୁଣି ଦେଉଥିଲେ । ଅନ୍ୟ ପ୍ରକାରେ ସୂତା ଅପବିତ୍ର ମନେ କରାଯାଉଥିଲା । ଗାନ୍ଧୀଜୀ ଲେଖିଛନ୍ତି ସେ ଚିନ୍ତାରେ ପଡିଗଲେ ଓ ଆଶ୍ଚର୍ଯ୍ୟ ହେଲେ ବ୍ରାହ୍ମଣମାନେ ଏଭଳି କାହିଁକି ନିଷ୍ଠା ହରାଇ ବିଦେଶୀ ପ୍ରିୟ ହୋଇଛନ୍ତି । ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସଂମ୍ପର୍କରେ ଏଭଳି ବିବରଣୀ "ନବ ଜୀବନ" ପତ୍ରିକାରେ ଆଜକୁ ୧୨୫ବର୍ଷ ପୂର୍ବେ ପ୍ରକାଶ କରିଥିଲେ ଗାନ୍ଧୀଜୀ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ "ବନ୍ଦୀର ଆତ୍ମକଥା"ରେ ଉଲ୍ଲେଖ କରିଛନ୍ତି-

ପଡେ ମନେ ମୋର ଯେବେ ସିନ୍ଧୁକୂଳେ
ନୀଳାଚଳେ ଗାନ୍ଧୀଥିଲେ ପତ୍ନୀ ତୁଲେ ।

ଏହାପରେ ଗାନ୍ଧୀଜୀ ୧୯୨୭ ଡିସେମ୍ବର ଏବଂ ୧୯୩୪ ମେ ମାସରେ ପୁରୀ ଆସିଥିଲେ । ଅସ୍ପୃଶ୍ୟତା ନିବାରଣ ନିମନ୍ତେ ଗାନ୍ଧୀଜୀ ହରିଜନ ପଦଯାତ୍ରା ଆରମ୍ଭ କରିଥିଲେ । ଓଡିଶା ଥିଲା ଗାନ୍ଧୀଜୀଙ୍କ ପାଇଁ ତୀର୍ଥଭୂମି ତଥା ତାଙ୍କ ଚିନ୍ତା ଚେତନା, ଆଦର୍ଶର ପ୍ରୟୋଗଶାଳା। ତତ୍କାଳୀନ ସମୟର ସାମାଜିକ, ଆର୍ଥିକ, ଧାର୍ମିକ ବ୍ୟବସ୍ଥାକୁ ଲକ୍ଷ୍ୟକରି ଓଡିଶାରେ ହରିଜନ ପଦଯାତ୍ରା ଆରମ୍ଭ କରିବା ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ । ଗାନ୍ଧୀଜୀ ରେଳ ଯୋଗେ ଅନୁଗୁଳରୁ ଆସି ପୁରୀରେ ପହଞ୍ଚିଲା ବେଳକୁ ତାଙ୍କ ବିରୁଦ୍ଧରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। "ଗାନ୍ଧୀ ହିନ୍ଦୁ ଧର୍ମର ଶତ୍ରୁ ଫେରିଯାଅ"ଇତ୍ୟାଦି ଲେଖାଯାଇ ଥିଲା କାନ୍ଥବାଡରେ । ଅନେକ ମଠ ଉପରେ ଉଡୁଥିଲା କଳା ପତାକା । ହରେକୃଷ୍ଣ ମହତାବ ଓ ଗୋପବନ୍ଧୁ ଚୌଧୁରୀ ପ୍ରଭୃତି ନେତୃସ୍ଥାନୀୟ କଂଗ୍ରେସ ବ୍ୟକ୍ତିମାନେ ଗାନ୍ଧୀଜୀଙ୍କ ନିରାପତ୍ତାକୁ ନେଇ ଚିନ୍ତିତ ହୋଇପଡିଲେ । ଗାନ୍ଧୀଜୀ ଏ ବିଷୟରେ ଅବଗତ ଥିଲେ । ପୁରୀ ଷ୍ଟେସନରେ ପହଞ୍ଚିବା ପରେ ବିନା ପୋଲିସ ଓ ଚାଲି ଚାଲି ରହଣିସ୍ଥଳ ଭାଗଲପୁର କୋଠିକୁ ଯାତ୍ରା କଲେ। କୀର୍ତ୍ତନ ହରିବୋଲ ଧ୍ୱନିରେ ସାଧାରଣ ଜନତା ଓ କଂଗ୍ରେସ କର୍ମୀ ମାନେ ଗାନ୍ଧୀଜୀଙ୍କୁ ପାଛୋଟି ନେଇଥିଲେ । ୧୯୩୪ ମେ ୮ତାରିଖ ଦିନ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ପ୍ରତିମୂର୍ତ୍ତିକୁ ଗାନ୍ଧୀଜୀ ଉନ୍ମୋଚନ କରିଥିଲେ । ଗାନ୍ଧୀଜୀ ମେ୯ ତାରିଖରେ ପୁରୀ ସିଂହଦ୍ୱାରରୁ ଆରମ୍ଭ କଲେ "ହରିଜନ ପଦଯାତ୍ରା" ଏହା ଥିଲା ସଂପୂର୍ଣ୍ଣ ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ। ଏହାକୁ ଗାନ୍ଧୀଜୀ ପ୍ରଚଣ୍ଡ ଆଧ୍ୟାତ୍ମିକ ଯାତ୍ରା । ଶ୍ରୀକ୍ଷେତ୍ରରୁ ଏହି ଯାତ୍ରା ଆରମ୍ଭ ହୋଇଥିବାରୁ ଏହାର ନାମକରଣ ହେଲା ପତିତପାବନ ପଦଯାତ୍ରା । ୧୯୩୮ମସିହା ମାର୍ଚ୍ଚ ୨୫ରୁ ୩୧ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ଡେଲାଙ୍ଗ ନିକଟବର୍ତ୍ତୀ ବେରବୋଇ ଠାରେ ଗାନ୍ଧୀଜୀ ଅବସ୍ଥାନ କରିଥିଲେ । ଚତୁର୍ଥ ବାର୍ଷିକ ଗାନ୍ଧୀ ସେବା ସଂଘ ସମ୍ମିଳନୀ ଓ ଉତ୍କଳ ଖଦୀ ଗ୍ରାମ୍ୟ ଶିଳ୍ପ ପ୍ରଦର୍ଶନୀରେ ଯୋଗ ଦେବା ନିମନ୍ତେ ଗାନ୍ଧୀଜୀ ଓ ଅନ୍ୟାନ୍ୟ ସର୍ବଭାରତୀୟ ସ୍ତରର ପ୍ରଖ୍ୟାତ ସତ୍ୟାଗ୍ରହୀମାନେ ଏଠାକୁ ଆଗମନ କରିଥିଲେ । ସମ୍ମିଳନୀ ଅବସରରେ କସ୍ତୁରବା ଗାନ୍ଧୀଙ୍କ ଅଜାଣତରେ ମହାଦେବ ଦେଶାଇଙ୍କ ସହିତ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ । ଏହା ଜାଣିବା ପରେ ଗାନ୍ଧୀଜୀ ବିରକ୍ତିଭାବ ପ୍ରକାଶ କରିଥିଲେ । ତତ୍କାଳୀନ ସମୟରେ ଶ୍ରୀମନ୍ଦିରକୁ ହରିଜନମାନଙ୍କର ପ୍ରବେଶ ନିଷେଧ ଥିଲା । ୧୯୨୧ ମସିହାପରେ ଗାନ୍ଧୀଜୀ ଦ୍ୱିତୀୟଥର ପାଇଁ କେବେ ଶ୍ରୀମନ୍ଦିରକୁ ଯାଇନଥିଲେ ଉଚ୍ଚ-ନୀଚ ଭେଦଭାବର ପ୍ରତିବାଦ କରି ଗାନ୍ଧୀଜୀଙ୍କୁ ଅନୁସରଣ କରି ସେ ସମୟରେ ଗାନ୍ଧୀବାଦୀମାନେ ଶ୍ରୀମନ୍ଦିର ଯାଉନଥିଲେ । ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରୀକ୍ଷେତ୍ର ଧାମରେ ଗାନ୍ଧୀଜୀଙ୍କର ଉପସ୍ଥିତି ଥିଲା ଐତିହାସିକ ଓ ଧାର୍ମିକ ଦୃଷ୍ଟି କୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଅଗଷ୍ଟ ୨୦୨୬ ବୁଧବାର

# ଆଭା

# ସୋମବାର ବେଲପତ୍ର ତୋଳିବା ମନା



ଦେବ ଦେବ ମହାଦେବଙ୍କ ପୂଜାର୍ଚ୍ଚନା ବେଲପତ୍ର ବିନା ଅଧୁରା । ତାଙ୍କ ପ୍ରିୟ ମାସ ଶ୍ରାବଣରେ ବେଲପତ୍ର ଶିବଲିଙ୍ଗରେ ଚଢ଼ାଇବା ଆହୁରି ତାତ୍ପର୍ଯ୍ୟପୂର୍ଣ୍ଣ । କୁହାଯାଏ ଡାଳେ ଜଳ ଏବଂ ଗୋଟିଏ ବେଲପତ୍ର ଶ୍ରଦ୍ଧା ତଥା ନିଷ୍ଠା ପୂର୍ବକ ଅର୍ପଣ କଲେ ପରମମଙ୍ଗଳମୟ ଶିବ ପ୍ରସନ୍ନ ହୋଇଯା'ନ୍ତି। ଶାସ୍ତ୍ର ମୁତାବକ ବେଲପତ୍ର ଗଛରୁ ତୋଳିବାର ନିର୍ଦ୍ଦିଷ୍ଟ ନୀତିନିୟମ ରହିଛି, ଏହାକୁ ଅମାନ୍ୟ କଲେ ଶିବପୂଜାର ଶୁଭ ମିଳିବା ପରିବର୍ତ୍ତେ ଦୋଷ ଲାଗିପାରେ ।

ପୂଜା ଲାଗି କି'ପ୍ରକାର ବେଲପତ୍ର: ସର୍ବଦା ତ୍ରିଶାଖା ବେଲପତ୍ର ଶିବଙ୍କଠାରେ ଅର୍ପଣ କରାଯାଇଥାଏ । ବେଲପତ୍ର ତୋଳିବା ବେଳେ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । ପତ୍ରଗୁଡ଼ିକ କୀଟଦ୍ରଷ୍ଟ ଅବା ଚିରିଯାଇଥିବା ଠିକ୍ ନୁହେଁ । ଶୁଖିଯାଇଥିବା ବେଲପତ୍ର ମଧ ପୂଜା ଯୋଗ୍ୟ ନୁହେଁ । ଅର୍ଥାତ୍ ତାଜା ପରିଷ୍କାର ଅକ୍ଷୁର୍ଣ୍ଣ ତିନିଟିକିଆ ପତ୍ର ତୋଳି ଅର୍ପଣ କରନ୍ତୁ । ତୋଳିବା ସମୟରେ ସାବଧାନତା: ବେଲପତ୍ର ଗଛରୁ ତୋଳିବା ବେଳେ ସାବଧାନ ରହନ୍ତୁ, ଯେପରି ଗଛ ପ୍ରତି ଆଞ୍ଚ ନଆସେ । ବେଲଗଛ କାଟିବା ଧାର୍ମିକ ଦୃଷ୍ଟିକୋଣରୁ ବଡ଼ ଅପରାଧ ଅଟେ । ବେଲପତ୍ର ତୋଳିବା ପୂର୍ବରୁ ମନେ ମନେ ଶିବଙ୍କ ଉଦ୍ଦେଶ୍ୟରେ ଭକ୍ତି ନିବେଦନ କରି ଗଛକୁ ପ୍ରଣାମ ପୂର୍ବକ ଯତ୍ନର ସହ ପତ୍ର ତୋଳିବା ଉଚିତ ।

କେଉଁଦିନ ତୋଳିବେନି ପତ୍ର: ଶାସ୍ତ୍ର ମତରେ ସୋମବାର ଶିବଙ୍କ ବାର ହୋଇଥିଲେ ହେଁ ଏହିଦିନ ବେଲପତ୍ର ତୋଳିବା ଅନୁଚିତ । ଏହାର ପୂର୍ବଦିନଠାରୁ ବେଲପତ୍ର ତୋଳି ରଖନ୍ତୁ। ଅନ୍ୟପକ୍ଷରେ ଚତୁର୍ଥୀ, ଅଷ୍ଟମୀ, ନବମୀ, ଚତୁର୍ଦ୍ଦଶୀ ଏବଂ ଅମାବାସ୍ୟାରେ ତିଥିରେ ବେଲପତ୍ର ତୋଳିବା ମନା । ସଂକ୍ରାନ୍ତି ଦିନ ମଧ ଗଛରୁ ପତ୍ର ଅଲଗା କରନ୍ତୁ ନାହିଁ । ସେହିପରି ସୂର୍ଯ୍ୟାସ୍ତ ପରେ ବେଲପତ୍ର ତୋଳିବା ଅଶୁଭ ଅଟେ।

କେମିତି ଚଢ଼ାଇବେ: ଶିବଲିଙ୍ଗରେ ବେଲପତ୍ର ଚଢ଼ାଇବାର ମଧ ନିୟମ ରହିଛି । ତ୍ରିଶାଖାରୁ ପତ୍ରଗୁଡ଼ିକୁ ଅଲଗା କରିବେ ନାହିଁ । ସର୍ବଦା ପତ୍ରର ନରମ ପାର୍ଶ୍ୱକୁ ତଳପଟକୁ ରଖି ଅର୍ପଣ କରିବେ। ଅର୍ଥାତ୍ ଶିବଲିଙ୍ଗକୁ ପତ୍ରର ନରମ ପାର୍ଶ୍ୱଟି ସ୍ପର୍ଶ କରିବ ଏବଂ ଶିରା ପଟ ଉପରକୁ ରହିବ । କେତୋଟି ବେଲପତ୍ର ଅର୍ପଣ ଯୋଗ୍ୟ: ଗୋଟିଏରୁ ଅଧିକ ହେଲେ ୩,୫,୭,୧୧ କିମ୍ବା ୨୧ଟି ବେଲପତ୍ର ଚଢ଼ାଇବେ । ୧୦୮ ବେଲପତ୍ର ଚଢ଼ାଇବା ସାଧାରଣ ନିୟମ ଅଟେ । ବେଲପତ୍ର ବାସି ହୁଏ ନାହିଁ । ଏଣୁ ବ୍ୟବହୃତ ବେଲପତ୍ରକୁ ଧୋଇ ପୁଣି ଠାକୁରଙ୍କଠାରେ ଅର୍ପଣ କରିବା ଦୋଷାବହ ନୁହେଁ । ଭଗବାନ୍ ସର୍ବଦା ଭାବର ଭୋକିଲା । ମାତ୍ର ଭାବ ସହ ନିୟମ ନିଷ୍ଠା ପାଳନ କରିବା ଭକ୍ତର ଦାୟିତ୍ୱ । ଏଣୁ ନିୟମ ମୁତାବକ ଶ୍ରାବଣରେ ଶିବଲିଙ୍ଗରେ ବେଲପତ୍ର ଅର୍ପଣ କରି ଶିବ କୃପା ଲାଭ କରନ୍ତୁ ।

# ବ୍ରିଟିଶ ଅଫିସର ମାରି ଥିଲେ ଚାପୁଡ଼ା, ଏହାପରେ ଲେଖା ହେଲା 'ବନ୍ଦେ ମାତରମ୍' ଗୀତ

ନୂଆଦିଲ୍ଲୀ :

ଅଗଷ୍ଟ ୧୫ରେ ସାରା ଭାରତ ସ୍ୱାଧୀନତା ଦିବସ ପାଳନ କରୁଛି। ଏହି ସ୍ୱାଧୀନତା ଦିବସରେ ପ୍ରଥମ ଥର ପାଇଁ ଲାଲକିଲ୍ଲାରେ 'ବନ୍ଦେ ମାତରମ୍' ଗାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲକିଲ୍ଲାରୁ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଲାଲକିଲ୍ଲାରେ 'ବନ୍ଦେ ମାତରମ୍' ଶୁଣିବାକୁ ମିଳିଛି। ଏହି ଗୀତ ଶୁଣି ପ୍ରତ୍ୟେକ ଭାରତୀୟ ଗର୍ବିତ ଅନୁଭବ କରନ୍ତି। ଆସନ୍ତୁ ତେବେ ଏହି ଗୀତ ପଛରେ ଥିବା ସେହି ଆକର୍ଷକ କାହାଣୀ ବିଷୟରେ ଜାଣିବା ... ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏହି ସଙ୍ଗୀତକୁ ରଚନା କରିଥିଲେ। 'ଇକୋନୋମିକ୍ ଟାଇମ୍ସ'ର ଏକ ରିପୋର୍ଟ ଅନୁସାରେ, ୧୫ ଡିସେମ୍ବର ୧୮୭୩ରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏକ ପାଲିଙ୍କିରେ ଘରକୁ ଫେରୁଥିଲେ। ସେତେବେଳେ ସେ ଜଣେ ଡେପୁଟି ମାଜିଷ୍ଟ୍ରେଟ୍ ଥିଲେ। ରାସ୍ତାରେ କିଛି ବ୍ରିଟିଶ କର୍ମଚାରୀ କ୍ରିକେଟ୍ ଖେଳୁଥିଲେ। କର୍ଣ୍ଣେଲ ଡଫିନଙ୍କୁ ତାଙ୍କ ପାଲିଙ୍କି ସେହି ରାସ୍ତାରେ ଯିବା ପସନ୍ଦ ଆସି ନଥିଲା। ସେ ପାଲିଙ୍କିକୁ ଅଟକାଇ ବଙ୍କିମଙ୍କୁ ବାହାରକୁ ଟାଣି ଆଣି ଚାପୁଡ଼ା ମାରିବା ସହ ପିଟି ଥିଲେ। ଅଫିସରଙ୍କ ଏହି ଅପମାନ ପରେ ବଙ୍କିମ ସେହି ବ୍ରିଟିଶ ଅଫିସରଙ୍କ ବିରୋଧରେ ମାମଲା ଦାୟର କରି ଥିଲେ। ଦୀର୍ଘ ମାସ ଧରି କୋର୍ଟରେ ଆଇନଗତ ଲଢ଼େଇ ଚାଲିବା ପରେ ସେହି ବ୍ରିଟିଶ ଅଫିସରଙ୍କୁ କ୍ଷମା ମାଗିବାକୁ ପଡ଼ି ଥିଲା। ଏହି ଘଟଣା ଅଫିସରଙ୍କୁ ଖୁବ୍ ବାଧି ଥିଲା ଏବଂ ସେ ବଙ୍କିମଙ୍କୁ ହତ୍ୟା କରିବାକୁ ଯୋଜନା କରି ଥିଲେ।

ଏସବୁ ସତ୍ତ୍ୱେ ବଙ୍କିମ ଭୟଭୀତ ହୋଇ ନଥିଲେ। ସେ ଭାବିଲେ ଯାହା ହେବ ଦେଖାଯିବ, ଯଦି ଜୀବନ ଯାଏ ତେବେ ଦେଶ ପାଇଁ କିଛି ମହାନ କାର୍ଯ୍ୟ କରିବାକୁ ପଡ଼ିବ। ଏହା ପରେ ସେ ସ୍ୱାଧୀନତା ଆନ୍ଦୋଳନକୁ ନୂଆ ଦିଗ ଦେବା ପାଇଁ 'ବନ୍ଦେ ମାତରମ୍' ଗୀତ ରଚନା କରିଥିଲେ। ୧୮୯୬ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ଅଧିବେଶନରେ ରବୀନ୍ଦ୍ରନାଥ ଟାଗୋର ପ୍ରଥମ ଥର ପାଇଁ




ସାର୍ବଜନୀନ ଭାବେ 'ବନ୍ଦେ ମାତରମ୍' ଗାଇଥିଲେ। ୨୦ତମ ଶତାବ୍ଦୀର ଆରମ୍ଭରେ, ବିଶେଷ କରି ୧୯୦୫ ମସିହାର ବଙ୍ଗ ଭଙ୍ଗ ଆନ୍ଦୋଳନ ସମୟରେ 'ବନ୍ଦେ ମାତରମ୍' ପ୍ରତିବାଦର ମୁଖ୍ୟ ନାରା ପାଲଟି ଯାଇଥିଲା। ଅନେକ ରାଜନୈତିକ ସଭା, ମାର୍ଚ୍ଚ ଏବଂ କଂଗ୍ରେସ ଅଧିବେଶନରେ ଏହାକୁ ଗାନ କରାଯାଇ ଥିଲା। ୨୪ ଜାନୁଆରୀ ୧୯୫୦ରେ ଭାରତର ସମ୍ବିଧାନ ସଭା 'ବନ୍ଦେ ମାତରମ୍'କୁ ରାଷ୍ଟ୍ରୀୟ ଗୀତର ମାନ୍ୟତା ଦେଇଥି। ୨୬ ଜାନୁଆରୀ ୧୯୫୦ରେ ଭାରତୀୟ ସମ୍ବିଧାନ ଲାଗୁ ହେବାର ଠିକ୍ ଦୁଇ ଦିନ ପୂର୍ବରୁ ଏହି ଐତିହାସିକ ନିଷ୍ପତ୍ତି ନିଆଯାଇ ଥିଲା।

# ଚର୍ମରେ କଳାଜାଇ କର୍କଟ ରୋଗର ଲକ୍ଷଣ



ଚର୍ମରେ କଳାଜାଇ ରହିବା ସ୍ୱାଭାବିକ। ଅନେକ ଲୋକଙ୍କ ଚର୍ମରେ ଗୋଟିଏରୁ ଅଧିକ କଳାଜାଇ ଥାଏ। ଅଧିକାଂଶ କଳାଜାଇ ସମ୍ପୂର୍ଣ୍ଣ ସ୍ୱାଭାବିକ କିନ୍ତୁ କିଛି କ୍ଷେତ୍ରରେ ଏହା ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରିପାରେ। ଆସନ୍ତୁ ବିଶେଷଜ୍ଞଙ୍କଠାରୁ ଜାଣିବା କେତେବେଳେ ଚର୍ମରେ କଳାଜାଇ ସ୍ୱାଭାବିକ ଏବଂ କେତେବେଳେ ଏହା ବିପଦଜନକ ହୋଇପାରେ। ଗାଜିଆବାଦର ମ୍ୟାକ୍ସ ହସ୍ପିଟାଲର ଚର୍ମରୋଗ ବିଶେଷଜ୍ଞ କହିଛନ୍ତି, ଚର୍ମରେ କଳାଜାଇ ସ୍ୱାଭାବିକ, କିନ୍ତୁ କିଛି କ୍ଷେତ୍ରରେ, ଏହା ଚର୍ମ କର୍କଟ ରୋଗର ଲକ୍ଷଣ ମଧ ହୋଇପାରେ। ଆପଣ ସେଗୁଡ଼ିକୁ ସହଜରେ ଚିହ୍ନଟ କରିପାରିବେ। ଆପଣଙ୍କୁ କେବଳ ଇଇଉଉ ନିୟମ ଜାଣିବା ଆବଶ୍ୟକ।

ABCD ନିୟମ ବ୍ୟବହାର କରି, ଆପଣ ସହଜରେ ନିର୍ଣ୍ଣୟ କରିପାରିବେ ଯେ ଆପଣଙ୍କ ଚର୍ମରେ ଥିବା କଳାଜାଇ ସ୍ୱାଭାବିକ ନା ସମସ୍ୟା। ଇର ଅର୍ଥ ଅସ୍ୱାଭାବିକ। ଯଦି ଆପଣଙ୍କର ତିଳ ଅସ୍ୱାଭାବିକ, ଏହାର ଗୋଟିଏ ଅଂଶ ଅନ୍ୟ ଅଂଶଠାରୁ ଭିନ୍ନ, ତେବେ ଏହା ଅସ୍ୱାଭାବିକତାର ଲକ୍ଷଣ ହୋଇପାରେ। ଯଦି ସେମାନଙ୍କର ଆକାର ସମାନ ମନେ ହେଉନାହିଁ, ତେବେ ଏହା ଏକ ସତର୍କ ସଙ୍କେତ ହୋଇପାରେ। ସାଧାରଣ ମୋଲ୍ ସାଧାରଣତଃ ଗୋଲାକାର ଏବଂ ସମାନ ଆକାରର ହୋଇଥାଏ।

ଆପଣଙ୍କୁ ଆପଣଙ୍କୁର କଳାଜାଇର ଧାର ଉପରେ ମଧ ନଜର ରଖିବାକୁ ପଡିବ। ଯଦି କଳାଜାଇର ଧାରଗୁଡ଼ିକ ବିସ୍ତାରିତ ହେଉଛି ଏବଂ ବଢ଼ିବାରେ ଲାଗିଛି, ତେବେ ତୁମେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ। ଯଦି କଳାଜାଇର ଧାରଗୁଡ଼ିକ ଅସ୍ପଷ୍ଟ, ବଙ୍କା କିମ୍ବା ବିସ୍ତାରିତ ଦେଖାଯାଏ, ତେବେ ଏହାକୁ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯିବା ଉଚିତ। ସାଧାରଣ କଳାଜାଇର ରଙ୍ଗ ସମାନ ହୋଇଥାଏ, କିନ୍ତୁ ଯଦି ଆପଣଙ୍କର କଳାଜାଇ ଲାଲ, ନୀଳ କିମ୍ବା ଧଳା ହେବାକୁ ଲାଗେ, ତେବେ ଏହା ଚିନ୍ତାର କାରଣ ହୋଇପାରେ। ରଙ୍ଗରେ ପରିବର୍ତ୍ତନ ସୂଚିତ କରେ ଯେ କଳାଜାଇ ଭିତରେ କିଛି ପରିବର୍ତ୍ତନ ଘଟୁଛି। ଏପରି ପରିବର୍ତ୍ତନ ସ୍ୱାଭାବିକ ନୁହେଁ। ଯଦି କଳାଜାଇର ମୋଟ ଆକାର ୬ ମିଲିମିଟରରୁ କମ୍ ହୁଏ, ତେବେ କୌଣସି ବିପଦ ନାହିଁ। ତଥାପି, ଯଦି ଏହା ବଡ଼ ହେବା ଆରମ୍ଭ କରେ କିମ୍ବା ଦ୍ରୁତ ଗତିରେ ବଢ଼ିଥାଏ, ତେବେ ଏହାକୁ ହାଲୁକା ଭାବରେ ନିଆଯିବା ଉଚିତ୍ ନୁହେଁ। କଳାଜାଇର ଆକାର ବୃଦ୍ଧି ଚର୍ମ କର୍କଟ ରୋଗର ଲକ୍ଷଣ ହୋଇପାରେ। ଏହି କ୍ଷେତ୍ରରେ, ଆପଣଙ୍କୁ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ।

# ଏକ ବିଲିୟନ ବର୍ଷ ପରେ ପୃଥିବୀର ବାୟୁ ମଣ୍ଡଳରୁ ଉଭାନ ହେବ ଅମ୍ଳଜାନ !

ପୃଥିବୀର ବଞ୍ଚିବା ପାଇଁ ଲୋକଙ୍କୁ ବାୟୁ, ପାଣି ଏବଂ ଖାଦ୍ୟ ଆବଶ୍ୟକ । କିନ୍ତୁ ଭବିଷ୍ୟତରେ, ଆମ ଗ୍ରହ ଏକ ଏପରି ମୋଡ଼ରେ ପହଞ୍ଚିବ ଯେଉଁଠାରେ ଜୀବନଦାତା ଗ୍ୟାସଗୁଡ଼ିକ ଏହାର ବାୟୁମଣ୍ଡଳରୁ ଉଭାନ ହୋଇଯିବ । ପ୍ରାୟ ଏକ ବିଲିୟନ ବର୍ଷ ମଧ୍ୟରେ, ପୃଥିବୀର ବାୟୁମଣ୍ଡଳରୁ ଅମ୍ଳଜାନର ସମସ୍ତ ଚିହ୍ନ ଉଭାନ ହୋଇଯିବ । ଏହାପରେ ଆମ ସୁନ୍ଦର ପୃଥିବୀର ନକ୍ସା ପୁରାପୁରି ବଦଳିଯିବ ଏବଂ ଏହା ମିଥେନ୍ ଗ୍ୟାସର ଏକ ଘନ ଆସ୍ତରଣ ଦ୍ୱାରା ଘୋଡ଼ାଇ ହୋଇଯିବ । ଓଜନ ସ୍ତର ନଷ୍ଟ ହେବା କାରଣରୁ ସୂର୍ଯ୍ୟର କିରଣ ଭୟଙ୍କର ହେବ, ଯାହା ଅମ୍ଳଜାନ ଉପରେ ନିର୍ଭରଶୀଳ ସମସ୍ତ ଜୀବଜନ୍ତୁଙ୍କୁ ଧ୍ୱଂସ କରିବ । ଆଜିଠାରୁ ଏକ ବିଲିୟନ ବର୍ଷ ପରେ ଯେବେ ଅକ୍ସିଜେନ୍ ସରିଯିବ ସେବେ ପୃଥିବୀ ତାର ପୂର୍ବ ଅବସ୍ଥାକୁ ଫେରିଯିବ। ଦୀର୍ଘ ବର୍ଷ ପୂର୍ବରୁ ବାୟୁମଣ୍ଡଳରେ କେବଳ ମିଥେନ୍ ଗ୍ୟାସ ଓ ଅନ୍ୟ ବିଷାକ୍ତ ବାୟୁରେ ପରିପୂର୍ଣ୍ଣ ଥିଲା। ଅକ୍ସିଜେନ ନେଇ ବଞ୍ଚୁଥିବା ମଣିଷ, ପଶୁ-ପକ୍ଷୀ ଓ



ଅନ୍ୟ ସବୁ ଜୀବଜନ୍ତୁ ଏହି ପରିବର୍ତ୍ତନକୁ ସାମ୍ନା କରିପାରିବେ ନାହିଁ । ଫଳରେ ପୃଥିବୀ ପୃଷ୍ଠରେ ଜୀବଜଗତର ଅସ୍ତିତ୍ୱ ରହିବ ନାହିଁ । ମଣିଷ ବିଜ୍ଞାନ ଓ ଟେକ୍ନୋଲୋଜି ସହ ଯାହାବି ହାସିଲ କରିଛି ସେ ସବୁ ଏହି ପରିବର୍ତ୍ତନ ସହ ସବୁଦିନ ପାଇଁ ଶେଷ ହୋଇଯିବ । ଯେବେ ପୃଥିବୀରେ ବିଶାଳକାୟ ଜୀବଜଗତ ଗାୟବ ହୋଇଯିବ । ସେତେବେଳେ କେବଳ ସୁକ୍ଷ୍ମ ଜୀବ ହିଁ ବଞ୍ଚି ରହିପାରିବ ଯାହା ବିନା ବାୟୁ ଓ ଅକ୍ସିଜେନରେ ଜୀବନ ଧାରଣ କରିବାରେ ସକ୍ଷମ । ଏନାରୋବିକ ନାମକ ବ୍ୟାକ୍ଟେରିଆ ମିଥେନ୍ ଭଳି ବିଷାକ୍ତ ଗ୍ୟାସରେ ଆରାମରେ ବଞ୍ଚି ପାରିବ । ଆମ ସବୁଜ ପୃଥିବୀ ଏକ ବିଷାକ୍ତ ଗ୍ୟାସ ଭରା ବେଲୁନ୍ ସଦୃଶ୍ୟ ହୋଇଯିବ । ଅକ୍ସିଜେନ୍ ସରିବାର ସବୁଠାରୁ ଘାତକ ପ୍ରଭାବ ଆମ ସୁରକ୍ଷା କବଚ ଓଜନ ସ୍ତରରେ ହିଁ ପଡ଼ିବ । ଯେବେ ପବନରେ ଅକ୍ସିଜେନ୍ ରହିବନି ସେବେ ଏହି ସୁରକ୍ଷା ସ୍ତର ଭାଙ୍ଗିଯିବ । ଯାହାଫଳରରେ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି ବା ଯୁବି କିରଣ ସିଧାସଳଖ ପୃଥିବୀ ଉପରେ ପଡ଼ିବ। ଏହି ଜୀବନ ନେବା କିରଣ ବାକି ଜୀବଜଗତକୁ ଭସ୍ମ କରିଦେବ । ଏହି ପୁରା ଘଟଣାକ୍ରମ ସୂର୍ଯ୍ୟଙ୍କ ବଦଳୁଥିବା ସ୍ୱରୁପର କାରଣ ହେବ । ସମୟ ଅନୁସାରେ ସୂର୍ଯ୍ୟଙ୍କ ତେଜ ଓ ଗରମ ବଢି ଚାଲିଛି । ଅଥ୍ୟାଧିକ ହିଟ୍ ୱେଭ କାରଣରୁ ପ୍ରକୃତିରେ ଗଛ ଲତା ବଞ୍ଚିବ ନାହିଁ । ଫଳରେ ଗଛ ଦେଉଥିବା ଅକ୍ସିଜେନ ବି ଠପ୍ ହୋଇଯିବ । ଯାହା ବାୟୁମଣ୍ଡଳରେ ଅକ୍ସିଜେନର ଅଭାବକୁ ବଢାଇଦେବ । ଯଦି ମଣିଷ ଭାବୁଥାଏ କି ସେ ତାର ବିକଶିତ ଟେକ୍ନୋଲୋଜି ମାଧମରେ ଏହି ଧ୍ୱଂସଲୀଳାକୁ ଅଟକାଇ ଦେବ ତେବେ ଏହା ଅସମ୍ଭବ। ସୂର୍ଯ୍ୟଙ୍କ ଗରମ ବାୟୁମଣ୍ଡଳର ସ୍ଥିତିକୁ ଏଭଳି ବିଗାଡ଼ି ଦେବ ଯେ କୌଣସି ଟେକ୍ନୋଲୋଜି କାମ କରିବ ନାହିଁ । ପୃଥୀବୀର ଏହି ଅନ୍ତ ବୈଜ୍ଞାନିକଙ୍କୁ ବ୍ରହ୍ମାଣ୍ଡରେ ଜୀବନ ଖୋଜିବାର ଏକ ମାଧମ ଦେବ । ବୈଜ୍ଞାନିକମାନେ ମାନନ୍ତି ଯେ, ଏବେ ଏଭଳି ଗ୍ରହକୁ ଖୋଜିବାକୁ ହେବ ଯେଉଁଠାରେ ଅକ୍ସିଜେନ୍ ନାହିଁ ।

# ଭିଟାମିନ୍ ବି୭, ସୁସ୍ଥ କେଶ ପାଇଁ ଅତ୍ୟାବଶ୍ୟକ

ଆଜିକାଲି କେଶ ଝଡ଼ିବା ସମସ୍ୟାକୁ ନେଇ ପ୍ରାୟତଃ ଚିନ୍ତିତ। ବିଭିନ୍ନ ତେଲ ଏବଂ ସାମ୍ପୁ ବ୍ୟବହାର କରିବା ପରେ ମଧ କେଶ ଝଡ଼ିବା ବନ୍ଦ ହେଉନାହିଁ। ପୁରୁଷ ଏବଂ ମହିଳା ସମସ୍ତେ ଏହି ସମସ୍ୟାରେ ପୀଡିତ। ତେବେ ଏହି କେଶ ଝଡ଼ିବାର ଏକ ପ୍ରମୁଖ କାରଣ ହେଉଛି ପୋଷଣ ଅଭାବ। ଯେତେବେଳେ ଶରୀରରେ କିଛି ଭିଟାମିନର ଅଭାବ ଥାଏ, ସେତେବେଳେ କେଶ ଦ୍ରୁତ ଗତିରେ ଝଡ଼ିବା ଆରମ୍ଭ ହୁଏ। ଜାଣନ୍ତୁ କେଉଁ ଭିଟାମିନର ଅଭାବ ଅତ୍ୟଧିକ କେଶ ଝଡ଼ିବାର କାରଣ ହୁଏ ଏବଂ ଏହାର ସମାଧାନ ପାଇଁ କ'ଣ ପଦକ୍ଷେପ ନେବା ଉଚିତ। ଭିଟାମିନ୍ ବି୭ - କେଶ ଝଡ଼ିବାର ଏକ ପ୍ରମୁଖ କାରଣ ହେଉଛି ଭିଟାମିନ୍ ବି୭ର ଅଭାବ, ଯାହାକୁ ବାୟୋଟିନ୍ ମଧ କୁହାଯାଏ।



ଭିଟାମିନ୍ ବି୭, ସୁସ୍ଥ କେଶ ପାଇଁ ଅତ୍ୟାବଶ୍ୟକ। ଏହାଦ୍ୱାରା କେଶ ଲମ୍ବା ଏବଂ ମଜବୁତ ହୋଇଥାଏ। ଏଥିଲାଗି ଆପଣଙ୍କ ଖାଦ୍ୟରେ ବାୟୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଆପଣଙ୍କୁ ଅଧିକ ଅଣ୍ଡା, ଡ୍ରାଇ ଫ୍ରୁଟ୍ସ, ଏବଂ ପତ୍ରଯୁକ୍ତ ପନିପରିବା ଖାଇବା ଉଚିତ। ଏହା ବ୍ୟତୀତ ଆପଣ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ପରେ ବାୟୋଟିନ୍ ସପ୍ଲିମେଣ୍ଟ ମଧ ନେଇପାରିବେ।

ଭିଟାମିନ୍ ଡି - କେଶ ଫଲିକିଲ୍ସର ସ୍ୱାସ୍ଥ୍ୟ ପାଇଁ ଭିଟାମିନ୍ ଡି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଗବେଷଣାରୁ ଜଣାପଡିଛି ଯେ ଭିଟାମିନ୍ ଡି ଅଭାବରୁ କେଶ ଝଡ଼ିପାରେ। କମ୍ ଭିଟାମିନ୍ ଡି ସ୍ତର କେଶ ବୃଦ୍ଧିକୁ ବାଧା ଦିଏ, ଯାହା ଫଳରେ କେଶ ପତଳା ଏବଂ ଦୁର୍ବଳ ହୁଏ। ସୁସ୍ଥ କେଶ ପାଇଁ, ଚର୍ବି ମାଛ, ଅଣ୍ଡା ଏବଂ ଦୁଗ୍ଧ ଯୁକ୍ତ ଖାଦ୍ୟ ଖାଆନ୍ତୁ। ସକାଳେ ସୂର୍ଯ୍ୟ କିରଣ ନିଅନ୍ତୁ, ଏବଂ ଯଦି ଆପଣଙ୍କର ଗୁରୁତର ଅଭାବ ଅଛି, ତେବେ ଭିଟାମିନ୍ ଡି ସପ୍ଲିମେଣ୍ଟ ପାଇଁ ଆପଣଙ୍କ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ। କେଶ ଝଡ଼ିବାର ଅନ୍ୟାନ୍ୟ କାରଣ ମଧ ଥାଇପାରେ। ମହିଳାମାନଙ୍କ ହରମୋନ୍ ଅସନ୍ତୁଳନ, ପଲିସିଷ୍ଟିକ୍ ଓଭାରି ସିଣ୍ଡ୍ରୋମ୍, କିମ୍ବା ଥାଇରଏଡ୍ ସମସ୍ୟାରେ ପୀଡ଼ିତ ମଧ ହୋଇପାରେ। ଚାପ, ଚିନ୍ତା ଏବଂ ଇମେସନାଲ ମଧ କେଶକୁ ପ୍ରଭାବିତ କରିପାରେ। ଡାକ୍ତରଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ। ଏହା ସହିତ, ଏକ ସୁସ୍ଥ ଜୀବନଶୈଳୀ ଗ୍ରହଣ କରନ୍ତୁ, ଏକ ସୁସ୍ଥ ଖାଦ୍ୟ ଖାଆନ୍ତୁ, ଏବଂ ନିୟମିତ ବ୍ୟାୟାମ ଏବଂ ଧ୍ୟାନ କରନ୍ତୁ।

# ୨୬ ବର୍ଷରେ ୩,୫୯୪ ମୃତ୍ୟୁ ଓ ୬,୯୦୪ ଆହତ

ନୂଆଦିଲ୍ଲୀ :

ଭାରତୀୟ ରେଲୱେରେ ଗତ ଅଢେଇ ଦଶକ ମଧରେ ଦୁର୍ଘଟଣାର ଗତି ଯଦିଓ ଥମିଛି , ହେଲେ ଯେବେ ବି ଟ୍ରାକରୁ ଟ୍ରେନ୍ ଖସିଛି , ସେତେବେଳେ ଅନେକ ଧନଜୀବନ ନଷ୍ଟ ହୋଇଛି। ଇଣ୍ଡିଆ ଟୁଡେ ଗ୍ରୁପ୍ ଦ୍ୱାରା ସୂଚନା ଅଧିକାର (ଆରଟିଆଇ) ଅନୁସାରେ ପ୍ରାପ୍ତ ତଥ୍ୟ ଅନୁସାରେ, ୨୦୦୦ ମସିହାରୁ ନେଇ ଜୁଲାଇ ୨୦୨୬ ଯାଏ ଦେଶରେ ୪୦୦୩ ଟି ବଡ଼ ରେଳ ଦୁର୍ଘଟଣା ରେକର୍ଡ ହୋଇଛି। ଏହି ସବୁ ଦୁର୍ଘଟଣାରେ ଅତି କମରେ ୩,୫୯୪ଜଣ ଲୋକଙ୍କ ଜୀବନ ଯାଇ ଥିବା ବେଳେ ୬,୯୦୦ରୁ ଅଧିକ ଲୋକ ଗୁରୁତର ହୋଇଛନ୍ତି।

ତଥ୍ୟରେ ସବୁଠୁ ଚକିତ କରିବା ଭଳି ଦିଗ ଏହା ଯେ, ଦୁର୍ଘଟଣା ସଂଖ୍ୟା କମି ଥିବା ସତ୍ତ୍ୱେ ଭୟଙ୍କର ଦୁର୍ଘଟଣାରେ ମୃତାହତଙ୍କ ସଂଖ୍ୟା ଲଗାତାର ଚିନ୍ତାଜନକ ରହିଛି। ବାସ୍ତବରେ ମୃତ୍ୟୁ ଓ ଆହତଙ୍କ ସଂଖ୍ୟା ଏହା ଠାରୁ ଅଧିକ ହୋଇପାରେ, କାରଣ ରେଲୱେର କେନ୍ଦ୍ରୀୟ ଜନସୂଚନା ଅଧିକାରୀଙ୍କ ନିକଟରେ ପ୍ରାରମ୍ଭିକ ଚାରି ବର୍ଷର (୨୦୦୦-୦୧ ରୁ ୨୦୦୩-୦୪) ଧନଜୀବନ କ୍ଷତିର ତଥ୍ୟ ଉପଲବ୍ଧ ନାହିଁ।

ଏହି ରିପୋର୍ଟ ଦୁଇଟି ବଡ଼ ନିଷ୍କର୍ଷ ଦର୍ଶାଉଛି ଯେ, ଗତ ୨୬ ବର୍ଷରେ ଟ୍ରେନ୍ ଦୁର୍ଘଟଣା ସଂଖ୍ୟାରେ ଯଥେଷ୍ଟ ହ୍ରାସ ଘଟିଛି, କିନ୍ତୁ ଯେତେବେଳେ ବି କୌଣସି ବଡ଼ ଦୁର୍ଘଟଣା ଘଟିଛି, ସେଥିରେ ପ୍ରଚୁର କ୍ଷତି ହୋଇଛି। ତଥ୍ୟରୁ ଜଣାପଡୁଛି ଯେ, ଦୁର୍ଘଟଣା ସଂଖ୍ୟା କମିବାର ଅର୍ଥ ଏହା ନୁହେଁ ଯେ ମୃତାହତଙ୍କ ସଂଖ୍ୟା ମଧ ସେହି ଅନୁପାତରେ କମିଛି। ସବୁଠାରୁ ଦୁଃଖଦାୟକ ବର୍ଷ ୨୦୧୦-୧୧ ଥିଲା। ଉପଲବ୍ଧ ରେକର୍ଡ ମଧରେ ସବୁଠାରୁ ଅଧିକ ୩୮୧ ଜଣଙ୍କ ମୃତ୍ୟୁ ୨୦୧୦-୧୧ ମସିହାରେ ରେକର୍ଡ କରାଯାଇ ଥିଲା,



ଯେତେବେଳେ କି ସେହି ବର୍ଷ ୧୪୧ଟି ବଡ଼ ଦୁର୍ଘଟଣା ଘଟି ଥିଲା।

୨୦୧୧-୧୨ ଓ ୨୦୧୪-୧୫ : ୨୦୧୧-୧୨ ମସିହାରେ ୧୩୧ଟି ଦୁର୍ଘଟଣାରେ ୩୧୯ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୭୧୬ ଜଣ ଆହତ ହୋଇଥିଲେ। ସେହିପରି ୨୦୧୪-୧୫ ମସିହାରେ ୧୩୫ଟି ଦୁର୍ଘଟଣାରେ ୨୯୨ ଜଣ ଲୋକଙ୍କ ଜୀବନ ଯାଇଥିଲା। କମ୍ ଦୁର୍ଘଟଣା, ଅଧିକ କ୍ଷତି (୨୦୨୩-୨୪): ଏହାର ସବୁଠୁ ବଡ଼ ଉଦାହରଣ ୨୦୨୩-୨୪ରେ ଦେଖିବାକୁ ମିଳି ଥିଲା। ହେଲେ ଏହି ସମୟରେ କେବଳେ ୪୦ ଟି ଦୁର୍ଘଟଣା ଘଟି ଥିଲା, କିନ୍ତୁ ଏଥିରେ ୩୨୦ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ୭୪୯ ଜଣ ଆହତ ହୋଇଥିଲେ। ଆହାତଙ୍କ ଏହି ସଂଖ୍ୟା ପୂରା ରେକର୍ଡ ମଧରେ ସବୁଠାରୁ ଅଧିକ ଥିଲା। ଏହାର ମୁଖ୍ୟ କାରଣ ଜୁନ୍ ୨୦୨୩ରେ ଓଡ଼ିଶାର ବାଲେଶ୍ୱରଠାରେ ଘଟିଥିବା ଟ୍ରିପଲ-ଟ୍ରେନ୍ ଦୁର୍ଘଟଣା ଥିଲା, ଯାହା ବିଗତ ଦଶନ୍ଧି ଗୁଡ଼ିକର ସବୁଠାରୁ ଭୟଙ୍କର ରେଳ ଦୁର୍ଘଟଣା ମଧରୁ ଗୋଟିଏ ଥିଲା।

୨୦୦୪-୦୫ ରୁ ୨୦୦୮-୦୯: ବଡ଼ ଦୁର୍ଘଟଣା ସଂଖ୍ୟା ୨୩୪ ରୁ ହ୍ରାସ ପାଇ ୧୭୭ ହୋଇ ଥିଲା, କିନ୍ତୁ ବାର୍ଷିକ ମୃତ୍ୟୁ ସଂଖ୍ୟା ୧୯୧ ରୁ ୩୧୫ ମଧରେ ରହି ଥିଲା। ୨୦୧୭-୧୮ ରୁ ୨୦୨୦-୨୧ (ସଂଶୋଧନର ପର୍ଯ୍ୟାୟ): ଏହି ସମୟ ମଧରେ ସୁରକ୍ଷା ବ୍ୟବସ୍ଥାରେ ବଡ଼ ସୁଧାର ଦେଖିବାକୁ ମିଳିଥିଲା। ଦୁର୍ଘଟଣା ସଂଖ୍ୟା ୭୩ ରୁ କମି ୨୨ ହୋଇଯାଇ ଥିଲା ଏବଂ ମୃତ୍ୟୁ ସଂଖ୍ୟା ୫୮ରୁ କମି ମାତ୍ର ୪କୁ ଖସି ଆସି ଥିଲା।

୨୦୨୪-୨୫ ଏବଂ ୨୦୨୫-୨୬: ବାଲେଶ୍ୱର ଦୁର୍ଘଟଣା ପରେ ସ୍ଥିତିରେ ସୁଧାର ଆସି ଥିଲା ଏବଂ ମୃତ୍ୟୁ ସଂଖ୍ୟା କମି ଯଥାକ୍ରମେ ୧୮ ଏବଂ ୧୭ ହୋଇଥିଲା। ୨୦୨୬-୨୭ (୩୧ ଜୁଲାଇ ୨୦୨୬ ପର୍ଯ୍ୟନ୍ତ): ଏହି ଅବଧି ମଧରେ ମୋଟ ୩ଟି ଦୁର୍ଘଟଣା ରେକର୍ଡ କରାଯାଇଛି, ଯେଉଁଥିରେ ୫ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୪ ଜଣ ଆହତ ହୋଇଛନ୍ତି। ବିଗତ ୨୬ ବର୍ଷର ଏହି ତଥ୍ୟ ମମତା ବାନାର୍ଜୀ, ନୀତୀଶ କୁମାର, ଲାଲୁ ପ୍ରସାଦ ଯାଦବ, ଦିନେଶ ତ୍ରିବେଦୀ, ମୁକୁଲ ରୋୟ, ସି.ପି. ଯୋଶୀ, ପବନ କୁମାର ବଂଶଲ, ମଲ୍ଲିକାର୍ଜୁନ ଖଡଗେ, ଡି.ଭି. ସଦାନନ୍ଦ ଗୌଡ଼ା, ସୁରେଶ ପ୍ରଭୁ, ପୀୟୂଷ ଗୋୟଲ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ ଭଳି ଅନେକ ରେଳମନ୍ତ୍ରୀଙ୍କ କାର୍ଯ୍ୟକାଳ ଅନ୍ତର୍ଭୁକ୍ତ। ଦୀର୍ଘସମୟର ଏହି ତଥ୍ୟ ଏହା ସ୍ପଷ୍ଟ କରୁଛି ଯେ, ରେଳ ଦୁର୍ଘଟଣାର ମୋଟ ସଂଖ୍ୟାରେ ତ ବଡ଼ ହ୍ରାସ ଘଟିଛି, କିନ୍ତୁ ଦୁର୍ଘଟଣାର କମ୍ ସଂଖ୍ୟା ସବୁବେଳେ କମ୍ ମୃତ୍ୟୁର ଗ୍ୟାରେଣ୍ଟି ଦିଏ ନାହିଁ, ଯାହାର ସବୁଠାରୁ ବଡ଼ ଉଦାହରଣ ୨୦୨୩-୨୪ ମସିହା ଥିଲା।

# ତୁଳସୀ ଗଛରେ କିଛି ଜିନିଷ ଧାର୍ମିକ ଓ ବାସ୍ତୁ ଦୃଷ୍ଟିରୁ ମନା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସନାତନ ଧର୍ମରେ ତୁଳସୀ ଗଛର ଏକ ସ୍ୱତନ୍ତ୍ର ଓ ପବିତ୍ର ସ୍ଥାନ ରହିଛି। ଭଗବାନ ବିଷ୍ଣୁଙ୍କ ପ୍ରିୟ ହୋଇଥିବାରୁ ତୁଳସୀକୁ 'ହରିପ୍ରିୟା' ବୋଲି ମଧ କୁହାଯାଏ। ଧାର୍ମିକ ବିଶ୍ୱାସ ଅନୁସାରେ, ତୁଳସୀ ଗଛରେ ଦେବୀ ଲକ୍ଷ୍ମୀଙ୍କ ବାସ ରହିଥାଏ। ଘରେ ତୁଳସୀ ଗଛ ରଖିବାକୁ ମଧ ଶୁଭତାର ପ୍ରତୀକ ଭାବେ ଗ୍ରହଣ କରାଯାଏ। ବାସ୍ତୁ ଶାସ୍ତ୍ରରେ ମଧ ତୁଳସୀକୁ ସକାରାତ୍ମକ ଶକ୍ତିର ଏକ ଉତ୍ସ ବୋଲି ବିଶ୍ୱାସ କରାଯାଏ। ତେବେ ତୁଳସୀ ଗଛର ପବିତ୍ରତା ବଜାୟ ରଖିବା ପାଇଁ ଏହାର ଆଖପାଖରେ କିଛି ଜିନିଷ ରଖିବାକୁ ଧାର୍ମିକ ଓ ବାସ୍ତୁ ଦୃଷ୍ଟିରୁ ଅନୁଚିତ ବୋଲି ମନେ କରାଯାଏ। ଆସନ୍ତୁ ଜାଣିବା, ତୁଳସୀ ଗଛ ପାଖରେ କେଉଁ ଜିନିଷ ରଖିବା ଉଚିତ ନୁହେଁ। ବାସ୍ତୁ ଶାସ୍ତ୍ର ଅନୁସାରେ, ତୁଳସୀ ଗଛ ପାଖରେ ଡଷ୍ଟବିନ୍ ରଖିବା ଉଚିତ ନୁହେଁ। ଏହା ସହିତ ତୁଳସୀ ଗଛର ଚାରିପାଖରେ ମଇଳା କିମ୍ବା ଅଳିଆ ଜମା ହେବାକୁ ଦେବା ଉଚିତ ନୁହେଁ। ଏପରି ପରିବେଶ ଘରର ସକାରାତ୍ମକ ପରିବେଶକୁ ପ୍ରଭାବିତ କରେ ଏବଂ ଆର୍ଥିକ ସମସ୍ୟା ବଢ଼ିପାରେ ବୋଲି ବିଶ୍ୱାସ ରହିଛି। ତୁଳସୀକୁ ଏକ ପବିତ୍ର ଗଛ ଭାବେ ବିବେଚନା କରାଯାଏ। ତେଣୁ ଏହାର ନିକଟରେ ଜୋତା କିମ୍ବା ଚପଲ ରଖିବାରୁ ବଞ୍ଚିବା ଉଚିତ। ଅନେକ ଘରେ ତୁଳସୀ ଗଛକୁ ମୁଖ୍ୟ ଦ୍ୱାର ନିକଟରେ ରଖାଯାଏ। ତଥାପି, ଏହାର ଠିକ୍ ପାଖରେ ପାଦୁକା ରଖିବାକୁ ଅନୁଚିତ ବୋଲି ଧାର୍ମିକ ବିଶ୍ୱାସ ରହିଛି। ଏହା ତୁଳସୀର ପବିତ୍ରତାକୁ ପ୍ରଭାବିତ କରେ ବୋଲି ମନେ କରାଯାଏ। ତୁଳସୀ ଗଛର ନିକଟରେ କଣ୍ଟା ଥିବା ଗଛ ଲଗାଇବାରୁ ମଧ ବଞ୍ଚିବାକୁ ବାସ୍ତୁ ଶାସ୍ତ୍ରରେ ପରାମର୍ଶ ଦିଆଯାଏ। ଏପରି ଗଛ ଘରର ସକାରାତ୍ମକ ଶକ୍ତିର ପ୍ରବାହକୁ ବାଧା ଦେଇପାରେ ବୋଲି ବିଶ୍ୱାସ କରାଯାଏ। ତେଣୁ ତୁଳସୀ ନିକଟରେ ଅନ୍ୟ ଗଛ ଲଗାଇବା ସମୟରେ ସେଗୁଡ଼ିକର ପ୍ରକୃତି ଓ ସ୍ଥାନ ପ୍ରତି ଧ୍ୟାନ ଦେବା ଉଚିତ। ତୁଳସୀ ଗଛ ଚାରିପାଖରେ ପୁରୁଣା, ଭଙ୍ଗା କିମ୍ବା ଅଦରକାରୀ ଜିନିଷ ଜମା କରି ରଖିବା ଉଚିତ ନୁହେଁ। ଘରର କୌଣସି ସ୍ଥାନରେ ଅଳିଆ କିମ୍ବା ଅବ୍ୟବସ୍ଥା ରହିଲେ ଏହା ନକାରାତ୍ମକ ପରିବେଶ ସୃଷ୍ଟି କରେ ବୋଲି ବାସ୍ତୁ ବିଶ୍ୱାସ ରହିଛି। ତେଣୁ ତୁଳସୀ ଗଛ ଚାରିପାଖରେ ସବୁବେଳେ ପରିଷ୍କାର ଓ ସୁସଜ୍ଜିତ ପରିବେଶ ରଖିବା ଭଲ। ତୁଳସୀ ଗଛ ନିକଟରେ ଝାଡୁ, ମପ୍, ଡଷ୍ଟବିନ୍ କିମ୍ବା ଅନ୍ୟାନ୍ୟ ସଫା କରିବା ସାମଗ୍ରୀ ରଖିବା ମଧ ଅନୁଚିତ ବୋଲି ବିବେଚନା କରାଯାଏ। ଧାର୍ମିକ ବିଶ୍ୱାସ ଅନୁସାରେ, ଏପରି ଜିନିଷ ତୁଳସୀ ଗଛର ପବିତ୍ରତାକୁ ପ୍ରଭାବିତ କରିପାରେ ଏବଂ ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦରେ ବାଧା ସୃଷ୍ଟି ହୋଇପାରେ। ତେଣୁ ତୁଳସୀ ଗଛର ନିୟମିତ ପୂଜା କରିବା ସହିତ ଏହାର ଚାରିପାଖରେ ସ୍ୱଚ୍ଛତା ଓ ଶୃଙ୍ଖଳା ବଜାୟ ରଖିବା ଉଚିତ। ତୁଳସୀ ଗଛକୁ ପରିଷ୍କାର, ଶାନ୍ତ ଓ ସୁସଜ୍ଜିତ ସ୍ଥାନରେ ରଖିବା ଦ୍ୱାରା ଘରର ପବିତ୍ରତା ଓ ସକାରାତ୍ମକ ପରିବେଶ ବଜାୟ ରହେ ବୋଲି ଧାର୍ମିକ ବିଶ୍ୱାସ ରହିଛି।

# ଉତ୍କଳ ଦୀପିକା

ଭୁବନେଶ୍ୱର, ୧୯ ଅଗଷ୍ଟ, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

### ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ନିଯୁକ୍ତିକୁ ନେଇ

## ରାଷ୍ଟ୍ରପତିଙ୍କୁ ଭେଟିବ ହାଇକୋର୍ଟ ବାର୍ ଆସୋସିଏସନ୍

**କଟକ, ୧୮/୦୮ ନ୍ୟୁଜ ବ୍ୟୁରୋ**

ଗୋଟିଏ ପଟେ ହାଇକୋର୍ଟରେ ମାମଲା ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଅନ୍ୟପଟେ ହାଇକୋର୍ଟର ବିଚାରପତି ପଦ ପୂରଣ କରାଯିବା ପରିବର୍ତ୍ତେ ଜଣଙ୍କ ପରେ ଜଣେ ବିଚାରପତିଙ୍କୁ ଅନ୍ୟ ହାଇକୋର୍ଟକୁ ବଦଳି କରାଯାଉଛି । ବର୍ତ୍ତମାନ ଏଭଳି ସ୍ଥିତି ଉପୁଜିଛି ଯେ ହାଇକୋର୍ଟର ମଞ୍ଜୁରିପ୍ରାପ୍ତ ପଦବୀର ଅଧାରୁ ଅଧିକ ବିଚାରପତି ପଦ ଖାଲି ପଡିଛି । ହାଇକୋର୍ଟରେ ମଞ୍ଜୁରିପ୍ରାପ୍ତ ବିଚାରପତି ପଦ ପୂରଣ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନଥିବାରୁ ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଏନେଇ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି । ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ଲଲାଟେନ୍ଦୁ ସାମନ୍ତରାୟ କହିଛନ୍ତି ଯେ, ଆସୋସିଏସନ ପକ୍ଷରୁ ଏକ ଜରୁରୀ ବୈଠକ ବସି କେତେକ ପ୍ରସ୍ତାବ ଗୃହୀତ ହୋଇଛି । ହାଇକୋର୍ଟରେ ଅଧିକରୁ ଅଧିକ ବିଚାରପତି କିପରି ନିଯୁକ୍ତି ହେବ ସେଥିପାଇଁ ଭାରତର ରାଷ୍ଟ୍ରପତି, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଓ ଅନ୍ୟ କଲେଜିୟମ ବିଚାରପତିଙ୍କୁ ସ୍ମାରକପତ୍ର ପଠାଯିବ । ଆବଶ୍ୟକ ସ୍ଥଳେ ଓଡ଼ିଶା ହାଇକୋର୍ଟରେ ନୂତନ ବିଚାରପତି ନିଯୁକ୍ତି ପାଇଁ ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ରିଟ୍ ଆବେଦନ ମଧ୍ୟ ଦାଖଲ କରାଯିବ ବୋଲି ସଭାପତି କହିଛନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀ ସାମନ୍ତରାୟ କହିଛନ୍ତି ଯେ, ହାଇକୋର୍ଟରେ ବର୍ତ୍ତମାନ ୧ ଲକ୍ଷ ୭୦ ହଜାର ମାମଲା ବିଚାର ଅପେକ୍ଷାରେ ରହିଛି । ପୁଣି ପ୍ରତିଦିନ ଶହଶହ ସଂଖ୍ୟାରେ ନୂଆ ମାମଲା ରୁଜୁ ହେଉଛି । ବର୍ତ୍ତମାନ ଦୁଇଜଣ ବିଚାରପତିଙ୍କୁ ବଦଳି କରାଯାଇଛି । ସେମାନଙ୍କ ବଦଳି ପରେ ହାଇକୋର୍ଟରେ ମାତ୍ର ୧୫ ଜଣ ବିଚାରପତି ରହିବେ । ଆଉ ଦୁଇ ମାସ ପରେ ଆହୁରି ଦୁଇ ଜଣ ବିଚାରପତି ହାଇକୋର୍ଟରୁ ଅବସର ଗ୍ରହଣ କରିବେ । ସେମାନଙ୍କ ପରେ ବିଚାରପତି ସଂଖ୍ୟା ୧୩କୁ ଚାଲି ଆସିବ । ଏଭଳି ସ୍ଥିତିରେ ଜଣେ ଲୋକ ହାଇକୋର୍ଟରୁ କିପରି ତ୍ୱରିତ ନ୍ୟାୟ ପାଇବାକୁ ଆଶା କରିବ ? ବର୍ତ୍ତମାନ ମାମଲାଗୁଡ଼ିକର ଭାରରେ ଅଦାଲତ ଅତ୍ୟଧିକ ଚାପଗ୍ରସ୍ତ ହୋଇପଡ଼ିଛି ଏବଂ ନୂତନ ଭାବେ ଦାଖଲ ହୋଇଥିବା ତଥା ଜରୁରୀ ମାମଲାଗୁଡ଼ିକ ଶୁଣାଣି ପାଇଁ ତାଲିକାଭୁକ୍ତ ହେବାରେ ବିଳମ୍ବ ହେଉଛି । ଏହାଦ୍ୱାରା ରାଜ୍ୟବାସୀଙ୍କ ନ୍ୟାୟ ପାଇବାର ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଛି ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏହି ସମସ୍ୟାର ସମାଧାନ ଲାଗି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ହୃଦାନନ୍ଦ ମହାପାତ୍ର, ଉପସଭାପତି ପ୍ରଦୀପ ମହାପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ଶ୍ରୀମନ୍ଦିର ଉପରକୁ ଛତିଶଗଡ ଯୁବକ ଚଢ଼ିବା ଘଟଣା

## ଯୁବକଙ୍କ ମାନସିକ ସନ୍ତୁଳନ ଠିକ୍ ନଥିଲା : ଏସ୍‌ପି

**ପୁରୀ, ୧୮/୦୮ ନ୍ୟୁଜ ବ୍ୟୁରୋ**

ସୁରକ୍ଷା ବଳୟକୁ ଭେଦ କରି ଶ୍ରୀମନ୍ଦିରର ଅଁଳା ବେଢ଼ା ଉପରକୁ ଚଢିଥିଲେ ଯୁବକ । ଏହି ଘଟଣା ପ୍ରଚାରିତ ହେବା ପରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଥିଲା ପ୍ରଶ୍ନ । ତେବେ ଶ୍ରୀମନ୍ଦିର ଉପରକୁ ଚଢିଥିବା ଯୁବକଙ୍କ ମାନସିକ ସନ୍ତୁଳନ ଠିକ୍ ନଥିବା ଯାଞ୍ଚ ପରେ କହିଲେ ପୁରୀ ଏସ୍‌ପି । ସୋମବାର ରାତି ପ୍ରାୟ ୯ଟା ବେଳେ ଘଟିଥିଲା ଏହି ଘଟଣା । ଯୁବକ ହେଉଛନ୍ତି ଛତିଶଗଡ କୁଟେଲା ଗ୍ରାମର ମାଧବ ଗୋପୀନାଥ ନାୟକ (୨୯) । ତେବେ ଯୁବକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପୁରୀ ଜିଲ୍ଲା ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ତେବେ ଯାଞ୍ଚରୁ ଜଣାପଡିଛି ଯେ, ଯୁବକଙ୍କ ମାନସିକ ସନ୍ତୁଳନ ଠିକ୍ ନାହିଁ । ପୂର୍ବରୁ ଚଢିବାକୁ ଉଦ୍ୟମ କରିଥିଲେ, ଘଉଡାଇଥିଲା ପୋଲିସ । ଏହି ଘଟଣାରେ ପୁରୀ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, 'ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା କଡାକଡି ଅଛି । ସୋମବାର ଶ୍ରୀମନ୍ଦିର ଉପରେ ଚଢ଼ିଥିବା ଯୁବକଙ୍କ ମାନସିକ ସ୍ଥିତି ଠିକ୍ ନାହିଁ । ଉକ୍ତ ଯୁବକଙ୍କ ମାନସିକ ସନ୍ତୁଳନ ଠିକ୍ ନଥିବା ନେଇ ତାଙ୍କ ପରିବାର ଲୋକେ ସମସ୍ତ ମେଡିକାଲ ରିପୋର୍ଟ ପ୍ରଦାନ କରିଛନ୍ତି । ତାହା ଅନୁଧ୍ୟାନ କଲା



ପରେ ଓ ଡାକ୍ତରଙ୍କ ମତାମତ ନେବା ପରେ ଜଣାପଡୁଛି ଉକ୍ତ ଯୁବକଙ୍କ ମାନସିକ ସନ୍ତୁଳନ ଠିକ୍ ନାହିଁ । ତେବେ ପ୍ରଥମେ ତାଙ୍କୁ କିଛି ପୋଲିସ କର୍ମଚାରୀ ମନ୍ଦିର ପାଖରେ ଥିବା ବେଳେ ତାଙ୍କୁ ଘଉଡାଇ ଦେଇଥିଲେ । ପରେ ସେ କୌଣସି ଏକ ସ୍ଥାନରୁ ମନ୍ଦିର ଉପରକୁ ଚଢ଼ିଥିବା ଅନୁମାନ କରାଯାଉଛି । ଚୂନରା ସେବାୟତଙ୍କ ସହଯୋଗରେ ତାଙ୍କୁ ତଳକୁ ଅଣାଯାଇଥିଲା । ଏହା ପୂର୍ବରୁ ପୁରୀ ସିଂହଦ୍ୱାର ଥାନା ଅଧିକାରୀ ଶ୍ୱେତପଦ୍ମା ଦାଶ କହିଥିଲେ ଯେ, ଶ୍ରୀମନ୍ଦିର ଉପରେ ଜଣେ ଯୁବକ ଚଢ଼ିଥିବା ନେଇ ଖବର ମିଳିବା ପରେ ଶ୍ରୀମନ୍ଦିର ଭିତରେ ଥିବା ପୋଲିସ କର୍ମଚାରୀ ଉକ୍ତ ଯୁବକକୁ ଶ୍ରୀମନ୍ଦିର ତଳକୁ ଆଣିଥିଲେ । ତେବେ ସେ କାହିଁକି ଉପରକୁ ଚଢ଼ିଲେ, କେଉଁ ସ୍ଥାନ ଦେଇ ଶ୍ରୀମନ୍ଦିରକୁ ଚଢ଼ିଲେ ସେ ନେଇ ତଦନ୍ତ ଆରମ୍ଭ ହୋଇଛି । ଉକ୍ତ ଯୁବକକୁ ଅଟକ ରଖି ପଚରାଉଚରା କରାଯାଉଛି । ଯୁବକ ମାନସିକ ସ୍ଥିତି ଠିକ୍ ଅଛି କି ନାହିଁ ତାହା ଯାଞ୍ଚ କରାଯାଉଛି ।

## କିଟ୍ ଓ କିସ୍‌ର କାର୍ଯ୍ୟକୁ ଭୁଟାନ୍ ପ୍ରତିନିଧିମଣ୍ଡଳୀଙ୍କ ପ୍ରଶଂସା




**ଭୁବନେଶ୍ୱର, ୧୮।୮ ନ୍ୟୁଜ ବ୍ୟୁରୋ**

କେମ୍ବ୍ରିଜ୍ ଶିକ୍ଷା ଏକାଡେମିକ୍ ଇମରସନ୍ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ୭ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ଭୁଟାନର ଶିକ୍ଷକ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଭୁଟାନର ଶିକ୍ଷା ଓ କୌଶଳ ବିକାଶ ମନ୍ତ୍ରଣାଳୟ ଅଧୀନ ସ୍କୁଲ ଏଜୁକେସନ ବିଭାଗର ଏକ ପ୍ରତିନିଧି ଦଳ 'ଇଣ୍ଡିଆ ଟ୍ରେକ୍' କାର୍ଯ୍ୟକ୍ରମରେ ଆସି କିଟ୍‌ରେ ରହୁଛନ୍ତି । ଏହି ଅବସରରେ ସେମାନେ ଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠାତା ଡ. ସାମନ୍ତଙ୍କ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ପ୍ରତିନିଧି ଦଳର ସଦସ୍ୟମାନେ ପ୍ରତିକ୍ରିୟାରେ କହିଲେ, ବିଶ୍ୱରେ ଅନେକ ଲୋକ ବିଭିନ୍ନ କ୍ଷେତ୍ରରେ ନିବେଶ କରୁଥିବାବେଳେ ଶିକ୍ଷା କ୍ଷେତ୍ର ପାଇଁ ସମଗ୍ର ଜୀବନ ଉତ୍ସର୍ଗ କରିଥିବା ବ୍ୟକ୍ତି ଅତ୍ୟନ୍ତ ବିରଳ । ଡ. ଅଚ୍ୟୁତ ସାମନ୍ତ ସେହି ବିରଳ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ ଜଣେ । ଆଦିବାସୀ ଓ ବଞ୍ଚିତ ବର୍ଗର ଶିଶୁମାନଙ୍କ ପାଇଁ ସେ ଯେଉଁଭଳି ନିଷ୍ଠା ଓ ସମର୍ପଣର ସହ କାର୍ଯ୍ୟ କରୁଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସା ଯୋଗ୍ୟ । କିଟ୍ ଓ କିସ୍ ସଂପର୍କରେ ସେମାନେ ପୂର୍ବରୁ ପଢ଼ିଥିଲେ ଏବଂ ଶୁଣିଥିଲେ । ମାତ୍ର କ୍ୟାମ୍ପସକୁ ଆସି ଛାତ୍ରଛାତ୍ରୀଙ୍କ ପ୍ରତିଭା, ଶୃଙ୍ଖଳା, ସକ୍ରିୟ ଅଂଶଗ୍ରହଣ ଓ ଉନ୍ନତ ଶିକ୍ଷା ବ୍ୟବସ୍ଥାକୁ ନିକଟରୁ ଦେଖିବା ପରେ ସେମାନେ ଏହାର ବାସ୍ତବତାକୁ ଅନୁଭବ କରିପାରିଛନ୍ତି । କିସ୍ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ହଜାର ହଜାର ଜନଜାତି ଶିଶୁଙ୍କ ଜୀବନରେ ପରିବର୍ତ୍ତନ ଆଣିଥିବା ଏକ ସାମାଜିକ ଆନ୍ଦୋଳନ ବୋଲି ସେମାନେ ମତ ପ୍ରକାଶ କରିଥିଲେ । କିସ୍ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆଶାର ଆଲୋକ ହୋଇ ଉଭା ହୋଇଛି । ଏଠାରେ ଛାତ୍ରଛାତ୍ରୀମାନେ ଡ. ସାମନ୍ତଙ୍କୁ ଗଭୀର ସମ୍ମାନ କରନ୍ତି ଏବଂ ତାଙ୍କ ଅବଦାନକୁ ଜୀବନ ପରିବର୍ତ୍ତନକାରୀ ବୋଲି ମନେକରନ୍ତି । କିସ୍ ଭଳି ଅନୁଷ୍ଠାନ ଓ ଡ. ସାମନ୍ତଙ୍କ ଭଳି ଜଣେ ଶିକ୍ଷାବିତ୍‌ଙ୍କ ଅବଦାନ ପାଇଁ ଓଡ଼ିଶାବାସୀ ମଧ୍ୟ ନିଜକୁ ଭାଗ୍ୟଶାଳୀ ମନେ କରୁଥିବେ । ତାଙ୍କ ଅବଦାନ କେବଳ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୀମିତ ନ ରହି ସମଗ୍ର ସମାଜ ଓ ସ୍ଥାନୀୟ ସମୁଦାୟର ବିକାଶରେ ମଧ୍ୟ ସହାୟକ ହୋଇଛି । ଶେଷରେ ପ୍ରତିନିଧି ଦଳ କିଟ୍, କିସ୍ ଓ ଭୁଟାନ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ଏଠାରୁ ମିଳିଥିବା ଅନୁଭୂତି ଓ ପ୍ରେରଣାକୁ ନିଜ ଦେଶର ଛାତ୍ରଛାତ୍ରୀ ଏବଂ ସମାଜ ମଧ୍ୟରେ ପହଞ୍ଚାଇବେ ବୋଲି କହିଥିଲେ ।

### ଶିଳ୍ପ ଅବଶିଷ୍ଟ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପୁନରୁଦ୍ଧାର ନିମନ୍ତେ

## ନାଲ୍‌କୋ ଏବଂ ଗବେଷଣା ପ୍ରତିଷ୍ଠାନମାନଙ୍କ ମଧ୍ୟରେ ସହଭାଗିତା

♦ ଫ୍ଲାଏ ଆସ୍‌ରୁ ଉପଯୋଗୀ ଉତ୍ପାଦ ଏବଂ ରେୟାର ଆର୍ଥ ଏଲିମେଣ୍ଟ ପୁନରୁଦ୍ଧାର ପାଇଁ ପ୍ରଥମ ସ୍ୱଦେଶୀ ପାଇଲଟ୍ ପ୍ଲାଣ୍ଟ ସ୍ଥାପନ



**ଭୁବନେଶ୍ୱର, ୧୮/୦୮ ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ), ଶିଳ୍ପ ଅବଶିଷ୍ଟ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପୁନରୁଦ୍ଧାର ପାଇଁ ସ୍କେଲେବଲ୍ ଏବଂ ବାଣିଜ୍ୟ ଉପଯୋଗୀ ସମାଧାନ ବିକାଶ କରିବା ପାଇଁ ପ୍ରମୁଖ ଜାତୀୟ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ସହିତ ସହଭାଗିତା କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଛି । ଏହି ପ୍ରୟାସର ଅଂଶ ସ୍ୱରୂପ, ନାଲ୍‌କୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ନାଲ୍‌କୋ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର (ଏନଆରଟିସି)ରେ ବହୁବିଧ ଉପଯୋଗୀ ଉତ୍ପାଦର ପୁନରୁଦ୍ଧାର ନିମନ୍ତେ ବିଟୁମିନସ କୋଇଲା ଫ୍ଲାଏ ଆସ୍ ପ୍ରକ୍ରିୟାକରଣ ପାଇଁ ପ୍ରଥମ ସ୍ୱଦେଶୀ ପାଇଲଟ୍ ପ୍ଲାଣ୍ଟ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଜଗଦୀଶ ଅରୋରା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ଅନିଲ କୁମାର ସିଂହ, ନିର୍ଦ୍ଦେଶକ (ବାଣିଜ୍ୟିକ)ଙ୍କ ସମେତ ଡକ୍ଟର ରାମାନୁଜ ନାରାୟଣ, ନିର୍ଦ୍ଦେଶକ, ସିଏସଆଇଆର - ଆଇଏମଏମଟି, ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, ରେଜିଷ୍ଟ୍ରାର, କିଟ୍ ବିଶ୍ୱବିଦ୍ୟାଳୟ ତଥା ସମସ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଦିନକୁ ୫୦ କିଲୋଗ୍ରାମ ପ୍ରସେସିଂ କ୍ଷମତା ସମ୍ପନ୍ନ ଫ୍ଲାଏ ଆଶ୍ ପ୍ରକ୍ରିୟାକରଣ ପାଇଲଟ୍ ପ୍ଲାଣ୍ଟକୁ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ସହାୟତାରେ ଉପରୋକ୍ତ ସଂସ୍ଥାମାନଙ୍କ ଦ୍ୱାରା ମିଳିତ ଭାବେ ଡିଜାଇନ୍ ଏବଂ ପ୍ରତିଷ୍ଠା କରାଯାଇଛି । ଏହି ପାଇଲଟ୍ ସୁବିଧା ଫ୍ଲାଏ ଆଶ୍‌ର ସାମଗ୍ରିକ ବ୍ୟବହାର ପାଇଁ ସିଏସଆଇଆର-ଆଇଏମଏମଟି ଏବଂ ନାଲ୍‌କୋ ଦ୍ୱାରା ବିକଶିତ ଏକ ମିଳିତ ପେଟେଣ୍ଟ ପ୍ରକ୍ରିୟା ଉପରେ ଆଧାରିତ । ଏହି ପ୍ରକ୍ରିୟା ଆଲୁମିନା, ସେରାମିକ୍ ପ୍ରୟୋଗ ପାଇଁ କ୍ୟାଲସିୟମ୍ ସିଲିକେଟ୍, କାଚ ତିଆରିରେ ସମ୍ଭାବ୍ୟ ପ୍ରୟୋଗ ସହିତ କ୍ୱାର୍ଟଜ୍ ଅବଶିଷ୍ଟ ଏବଂ ସ୍କାନଡିୟମ୍ ସମେତ ରେୟାର ଆର୍ଥ ଏଲିମେଣ୍ଟ ରେ ସମୃଦ୍ଧ ଏକ ଲୁହା ହାଇଡ୍ରୋକ୍ସାଇଡ୍ ଅବଶିଷ୍ଟ ସମେତ ବହୁବିଧ ମୂଲ୍ୟଯୁକ୍ତ ଉତ୍ପାଦର ପୁନରୁଦ୍ଧାର କରାଯାଇପାରିବ । ଏହି ଅବସରରେ, ବକ୍ସାଇଟ୍ ଅବଶିଷ୍ଟ (ରେଡ ମଡ) ମୂଲ୍ୟାଙ୍କନ ପାଇଁ ଏକ ପାଇଲଟ୍ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଭୂମିପୂଜନ ମଧ୍ୟ ଅନୁଷ୍ଠିତ ହୋଇଥିଲା । ପ୍ରସ୍ତାବିତ ସୁବିଧା ମାଧ୍ୟମରେ ରେଡ ମଡରୁ ଫେରୋ ଟାଇଟାନିୟମ ଆଲୟ, ମେଟାଲିକ ଆଇରନ ଏବଂ ରେୟାର ଆର୍ଥ ଏଲିମେଣ୍ଟ ଗୁଡ଼ିକର ପୁନରୁଦ୍ଧାର ଉପରେ ଗବେଷଣା କରାଯିବ, ଯାହାଦ୍ୱାରା ଶିଳ୍ପ ଅବଶିଷ୍ଟ ଗୁଡ଼ିକର ଉପଯୁକ୍ତ ବ୍ୟବହାର ଆଗକୁ ବଢ଼ିପାରିବ । ଉଲ୍ଲେଖନୀୟ ଯେ, ସ୍ଥାୟୀ ଚୁମ୍ବକ, ବୈଦ୍ୟୁତିକ ଗତିଶୀଳତା, ନବୀକରଣୀୟ ଶକ୍ତି, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରତିରକ୍ଷା ସମେତ ବିଭିନ୍ନ ପ୍ରକାରର ରଣନୈତିକ ଏବଂ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ପାଇଁ ରେୟାର ଆର୍ଥ ଏଲିମେଣ୍ଟ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଇନପୁଟ୍ ଅଟେ । ଆଲୁମିନା ହେଉଛି ଆଲୁମିନିୟମ ଉତ୍ପାଦନ ପାଇଁ ପ୍ରମୁଖ ଫିଡଷ୍ଟକ୍ ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ କଞ୍ଚାମାଲ । ଏପରି ସାମଗ୍ରୀର ପୁନରୁଦ୍ଧାର ସମ୍ବଳ ଦକ୍ଷତାକୁ ଉନ୍ନତ କରିପାରିବ, ପ୍ରାଥମିକ ଉତ୍ସଗୁଡ଼ିକୁ ପରିପୂରକ କରିପାରିବ ଏବଂ ଶିଳ୍ପ ଅବଶିଷ୍ଟରୁ ଅତିରିକ୍ତ ମୂଲ୍ୟ ପ୍ରଦାନ କରିପାରିବ । ଏହି ଫ୍ଲାଏ ଆସ୍ ପାଇଲଟ୍ ପ୍ଲାଣ୍ଟ, ମିଶ୍ରିତ ରେୟାର ଆର୍ଥ ଏଲିମେଣ୍ଟ ପୁନରୁଦ୍ଧାର ଏବଂ ପୃଥକୀକରଣ ଉପରେ ଅଧିକ ଗବେଷଣା ଏବଂ ବିକାଶ ପାଇଁ ପର୍ଯ୍ୟାପ୍ତ ପରିମାଣର ରେୟାର ଆର୍ଥ ଏଲିମେଣ୍ଟ କନସେଣ୍ଟ୍ରେଟ୍ ଉତ୍ପାଦନ କରିବ ବୋଲି ମଧ୍ୟ ଆଶା କରାଯାଉଛି । ଏହା ଡାଉନଷ୍ଟ୍ରିମ୍ ମୂଲ୍ୟ-ଯୁକ୍ତ ଉତ୍ପାଦଗୁଡ଼ିକର ବିକାଶ ଏବଂ କ୍ରିଟିକାଲ ମିନେରାଲ ପାଇଁ ସମନ୍ୱିତ ପୁନରୁଦ୍ଧାର ପଥ ସ୍ଥାପନ କରିବାରେ ସହାୟକ ହେବ । ଏହି ଅବସରରେ, ନାଲ୍‌କୋ ସିଏମଡି ଶ୍ରୀ ସିଂହ କହିଛନ୍ତି ଯେ, କମ୍ପାନୀ ଶିଳ୍ପ ଅବଶିଷ୍ଟାଂଶକୁ ମୂଲ୍ୟବାନ ସମ୍ପଦରେ ପରିଣତ କରିବା ପାଇଁ ଗବେଷଣା, ନବସୃଜନ ଏବଂ ରଣନୈତିକ ସହଭାଗୀତାକୁ ଉପଯୋଗ କରିବା ନିମନ୍ତେ ପ୍ରତିବଦ୍ଧ । ସେ ଗୁରୁତ୍ୱାରୋପ କରିଥିଲେ ଯେ, ସ୍ୱଦେଶୀ ପ୍ରଯୁକ୍ତିର ପାଇଲଟ୍-ସ୍କେଲ ବୈଧତା ବ୍ୟବସାୟ ଯୋଗ୍ୟ ସମାଧାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ଖଣିଜ ସୁରକ୍ଷା ଏବଂ ଚକ୍ରାକାର ଅର୍ଥନୀତିକୁ ସୁଦୃଢ଼ କରିପାରିବ । ଏହି ପଦକ୍ଷେପଗୁଡ଼ିକ ନିରନ୍ତର ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ଶିଳ୍ପ ବିକାଶ ପ୍ରତି ନାଲ୍‌କୋର ପ୍ରତିବଦ୍ଧତାକୁ ଦର୍ଶାଉଛି । ନିରନ୍ତର ଗବେଷଣା ଏବଂ ବିକାଶ, ପ୍ରମୁଖ ଜାତୀୟ ଗବେଷଣା ପ୍ରତିଷ୍ଠାନ ସହିତ ରଣନୈତିକ ସହଯୋଗ ଏବଂ ଉଦୀୟମାନ ପ୍ରଯୁକ୍ତିର ପାଇଲଟ୍-ସ୍କେଲ ବୈଧତା ମାଧ୍ୟମରେ ନାଲ୍‌କୋ କ୍ରିଟିକାଲ ମିନେରାଲ ସୁରକ୍ଷା,ଚକ୍ରାକାର ଅର୍ଥନୀତି ଏବଂ ନିରନ୍ତର ଶିଳ୍ପ ବିକାଶ ଉପରେ ଜାତୀୟ ପ୍ରାଥମିକତା ସହିତ ସମନ୍ୱିତ ସମ୍ବଳ-ପୁନରୁଦ୍ଧାର ପଥ ଦିଗରେ କାର୍ଯ୍ୟ କରୁଛି ।

## କାନ୍ଥ ଭୁଶୁଡି ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ରାଇରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଉପଖଣ୍ଡ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ କିଛି ନା କିଛି କ୍ଷୟକ୍ଷତି ଘଟିଛି । ଲଗାଣ ବର୍ଷାରେ କାନ୍ଥ ଭୁଶୁଡି ସ୍ତ୍ରୀର ଜୀବନ ଚାଲି ଯାଇଥିବା ବେଳେ ସ୍ୱାମୀ ଗୁରୁତର ଆହାତ ହୋଇଛନ୍ତି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲାର ବାଦାମପାହାଡ ଥାନା ଅନ୍ତର୍ଗତ ଚୁଆପାଣି ପଞ୍ଚାୟତର ଛଣୁଆ ଗ୍ରାମ



ବଡ଼ସାହିରେ । ଗୁରୁତର ଆହତ ହୋଇଥିବା ସ୍ୱାମୀ ଜଣକ ବୀରଭଦ୍ର ମହାନ୍ତ (୫୨) ଓ କାନ୍ଥରେ ଚାପି ହୋଇ ମୃତ୍ୟୁବରଣ କରିଥିବା ତାଙ୍କ ସ୍ତ୍ରୀ ହେଉଛନ୍ତି ହେମଲତା ମହାନ୍ତ(୪୫) । ସୂଚନା ଅନୁଯାୟୀ, ପ୍ରତ୍ୟେକ ଦିନ ପରି ସୋମବାର ରାତିରେ ଉଭୟେ ନିଜ ଘରେ ଶୋଇଥିଲେ । ତେବେ ରାତି ସାରା ଲଗାଣ ବର୍ଷା ଯୋଗୁଁ ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ପଡ଼ୋଶୀ ଘରର ସିମେଣ୍ଟ କାନ୍ଥ ଭୁଶୁଡି ବୀରଭଦ୍ରଙ୍କ ଘର କାନ୍ଥ ଉପରେ ପଡ଼ି ଯାଇଥିଲା । ଫଳରେ ଉଭୟ କାନ୍ଥ ଶୋଇଥିବା ଅବସ୍ଥାରେ ଦମ୍ପତିଙ୍କ ଉପରେ ଚାପି ହୋଇ ଯାଇଥିଲା । ଖବର ପାଇ ବିଳମ୍ବିତ ରାତିରେ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଉଭୟଙ୍କୁ ଜେସିବି ସାହାଯ୍ୟରେ ଉଦ୍ଧାର କରି ବାଦାମପାହାଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଡାକ୍ତର ହେମଲତାଙ୍କୁ ମୃତ ଘୋଷଣା କରିଥିଲେ । ବୀରଭଦ୍ରଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ବୀରଭଦ୍ରଙ୍କ ଚିକିତ୍ସା ଜାରି ରହିଛି । ଏନେଇ ବାଦାମପାହାଡ ଥାନାରେ ପୋଲିସ କେସନଂ ୧୭/୨୬ରେ ଏକ ଅପମୃତ ମାମଲା ରୁଜୁ ହୋଇଛି ।

## ୫୦ ହଜାର ଟଙ୍କା ଲାଞ୍ଚ ମାମଲାରେ ପୂର୍ବତନ କନିଷ୍ଠ ଯନ୍ତ୍ରୀଙ୍କୁ ୩ ବର୍ଷ କାରାଦଣ୍ଡ

**ଭୁବନେଶ୍ୱର, ୧୮/୦୮ ନ୍ୟୁଜ ବ୍ୟୁରୋ**

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ପୂର୍ବତନ କନିଷ୍ଠ ଯନ୍ତ୍ରୀ ଚିତ୍ତ ରଞ୍ଜନ ପରିଡ଼ାଙ୍କୁ ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇ ୩ ବର୍ଷର କଠୋର କାରାଦଣ୍ଡ ଦିଆଯାଇଛି । ମାମଲାର ଶୁଣାଣି ପରେ ଭୁବନେଶ୍ୱରସ୍ଥିତ ଭିଜିଲାନ୍ସର ଅତିରିକ୍ତ ସ୍ୱତନ୍ତ୍ର ଜଜ୍ ଶ୍ରୀ ପରିଡ଼ାଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷର କଠୋର କାରାଦଣ୍ଡ ସହ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ଅବସରପ୍ରାପ୍ତ ଚିତ୍ତ ରଞ୍ଜନ ପରିଡ଼ାଙ୍କ ବିରୋଧରେ ଭ୍ରଷ୍ଟାଚାର ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହିତ ଧାରା ୧୩(୧)(ଡି) ଏବଂ ଧାରା ୭ ଅନୁଯାୟୀ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଅଭିଯୋଗପତ୍ର ଦାଖଲ କରାଯାଇଥିଲା । ଭିଜିଲାନ୍ସ ସୂଚନା ଅନୁଯାୟୀ, ଏକ ସିସି ରୋଡ୍ ନିର୍ମାଣ କାମ ସମ୍ପର୍କିତ ଠିକାଦାରଙ୍କ ଅନ୍ତିମ ବିଲ୍ ମଞ୍ଜୁର କରିବା ପାଇଁ ଶ୍ରୀ ପରିଡ଼ା ଠିକାଦାରଙ୍କୁ ୫୦ ହଜାର ଟଙ୍କା ଲାଞ୍ଚ ଦାବି କରି ଗ୍ରହଣ କରିଥିଲେ । ଦୋଷସିଦ୍ଧି ପରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଚିତ୍ତ ରଞ୍ଜନ ପରିଡ଼ାଙ୍କ ପେନସନ୍ ବନ୍ଦ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଆରମ୍ଭ କରାଯିବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ।

### ବ୍ରିଜ ଭାରତ ସମ୍ମିଳନୀ-୨୦୨୬

## କର୍ପୋରେଟ ସଂସ୍ଥାଗୁଡିକ ସିଏସଆରକୁ ଅଧିକ ପ୍ରଭାବଶାଳୀ କରନ୍ତୁ : ରାଜ୍ୟପାଳ

**ଭୁବନେଶ୍ୱର, ୧୮।୮ ନ୍ୟୁଜ ବ୍ୟୁରୋ**

କେବଳ ଆଇନ ଗତ ଅନୁପାଳନ ମଧ୍ୟରେ ସୀମିତ ନ ରହି କର୍ପୋରେଟ ସଂସ୍ଥାଗୁଡିକ ଓଡ଼ିଶାର ବିକାଶରେ ଦାୟିତ୍ୱବାନ ସହଯୋଗୀ ଭାବେ କାର୍ଯ୍ୟ କରିବା ସହ ସିଏସଆରକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ସାଧାରଣ ଉଦ୍ୟୋଗ (ପବ୍ଲିକ ଏଣ୍ଟରପ୍ରାଇଜେସ) ବିଭାଗ ସହଯୋଗରେ ଏବଂ ଓଡ଼ିଶା କର୍ପୋରେଟ ଫାଉଣ୍ଡେସନ ଓ ଫ୍ରିଡମ ଏଡୁର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ବ୍ରିଜ ଭାରତ ସମ୍ମିଳନୀ-୨୦୨୬ ଏବଂ "କର୍ପୋରେଟ ସାମାଜିକ ଦାୟିତ୍ୱ ଦେଖାଯାଉଥିବା ସମସ୍ୟା ଓ ଚ୍ୟାଲେଞ୍ଜ" ଶୀର୍ଷକ ଜାତୀୟ ସେମିନାରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଦେଇଛନ୍ତି । ରାଜ୍ୟପାଳ କହିଥିଲେ ଯେ, କମ୍ପାନୀ ଆଇନ୍ ୨୦୧୩ ଅଧୀନରେ ଭାରତର ସିଏସଆର ଢାଞ୍ଚା କର୍ପୋରେଟମାନଙ୍କ ପାଇଁ ସାମାଜିକ ବିକାଶରେ ଅଂଶଗ୍ରହଣର ଏକ ସଂରଚିତ ବ୍ୟବସ୍ଥା ସୃଷ୍ଟି କରିଛି । ଏହା ମାଧ୍ୟମରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ମହିଳା ସଶକ୍ତିକରଣ, ପରିବେଶ ସ୍ଥିରତା, ଗ୍ରାମୀଣ ବିକାଶ ଓ ବିପର୍ଯ୍ୟୟ ପରିଚାଳନା ଭଳି




କ୍ଷେତ୍ରକୁ ସମ୍ବଳ ଯୋଗାଇ ଦିଆଯାଇପାରୁଛି । ଅନୁପାଳନ କେବେବି ସିଏସଆରର ଲକ୍ଷ୍ୟ ହେବା ଉଚିତ ନୁହେଁ । ଖର୍ଚ୍ଚ କରି ରିପୋର୍ଟ ଦେବା ପଦ୍ଧତି ଅପେକ୍ଷା ରଣନୀତିକ, ଅଂଶଗ୍ରହଣମୂଳକ ଓ ଫଳାଫଳ-କେନ୍ଦ୍ରିତ ମଡେଲକୁ ଯିବାର ଆବଶ୍ୟକତା ତଥା ବିଶ୍ୱସନୀୟ କାର୍ଯ୍ୟକାରିତା, ଅଧିକ ଗୋଷ୍ଠୀ ଅଂଶଗ୍ରହଣ ଓ ସିଏସଆର ପଦକ୍ଷେପର ମାପଯୋଗ୍ୟ ମୂଲ୍ୟାଙ୍କନର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ଇସ୍ପାତ, ବିଦ୍ୟୁତ, ଖଣି ଓ ଉତ୍ପାଦନ ଭଳି କ୍ଷେତ୍ରରେ ଦ୍ରୁତ ଶିଳ୍ପାୟନ ସହ ପରିବେଶ ପ୍ରତି ଦାୟିତ୍ୱ, ଜଳବାୟୁ ସହନଶୀଳତା ଓ ଗୋଷ୍ଠୀ କଲ୍ୟାଣକୁ ଗୁରୁତ୍ୱ ଦେବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି । ସିଏସଆର ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ପୁଷ୍ଟି, ଜୀବିକା, ଦକ୍ଷତା ବିକାଶ, କ୍ରୀଡ଼ା, ଗ୍ରାମୀଣ ବିକାଶ ଓ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତିକୁ ପ୍ରାଥମିକତା ଦେବାକୁ ଶିଳ୍ପମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଖଣି ଓ ବୃହତ ଶିଳ୍ପ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଞ୍ଚଳରେ ଜଙ୍ଗଲ ଓ ଜୈବ ବିବିଧତା ସଂରକ୍ଷଣ, ଜଳ ସୁରକ୍ଷା, ଜୀବିକା ପୁନଃସ୍ଥାପନ, ସ୍ଥାନୀୟ ନିଯୁକ୍ତି ଓ ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ପାଇଁ ଅଧିକ କର୍ପୋରେଟ ସହଯୋଗ ବୃଦ୍ଧି ଉପରେ ରାଜ୍ୟପାଳ ମତ ପ୍ରକାଶ କରିଥିଲେ । ଓଡ଼ିଶା ବାତ୍ୟା ଓ ଅନ୍ୟାନ୍ୟ ବିପର୍ଯ୍ୟୟ ପ୍ରତି ସମ୍ବେଦନଶୀଳ ହୋଇଥିବାରୁ ବିପର୍ଯ୍ୟୟ ହ୍ରାସ ଓ ପ୍ରସ୍ତୁତି ଉପରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ଉପରେ ମଧ୍ୟ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ଗୋଷ୍ଠୀଗୁଡ଼ିକ କେବଳ ପ୍ରକଳ୍ପର ଲାଭାର୍ଥୀ ହେବା ଉଚିତ ନୁହେଁ, ବରଂ ସେଗୁଡ଼ିକର ଖସଡ଼ା ପ୍ରସ୍ତୁତି ଏବଂ ବଜାୟ ରଖିବାରେ ସକ୍ରିୟ ଅଂଶୀଦାର ହେବା ଉଚିତ ବୋଲି ରାଜ୍ୟପାଳ କହିଥିଲେ । ଏହି ଅବସରରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଯାଜପୁର ସାଂସଦ ଡ଼. ରବୀନ୍ଦ୍ର ନାରାୟଣ ବେହେରା, ସାଧାରଣ ଉଦ୍ୟୋଗ ବିଭାଗର କମିଶନର-ତଥା-ଶାସନ ସଚିବ ମହମ୍ମଦ ସାଦିକ୍ ଆଲାମ ଏବଂ ଇରେଡା ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ବିଜୟ କୁମାର ମହାନ୍ତି ବକ୍ତବ୍ୟ ରଖିଥିଲେ । ବ୍ରିଜ ଭାରତ ସମ୍ମିଳନୀ ୨୦୨୬ର ଅଧ୍ୟକ୍ଷ ଏବଂ ଆଇଆଇଏମ ନାଗପୁରର ଭିଜିଟିଙ୍ଗ ପ୍ରଫେସର ଅରୁଣ କୁମାର ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଫ୍ରିଡମ୍ ଏଡୁ ସର୍ଭିସ ପ୍ରାଇଭେଟ ଲିମିଟେଡର ସିଇଓ ନିଖିଲ ସରାଫ ଧନ୍ୟବାଦ ଦେଇଥିଲେ ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com